KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20

ବର୍ଷ - ୨୦ ■ ସଂଖ୍ୟା - ୪୧


Volum.-20 ■ Issue No.- 41

Sunday ■ Balangir

ରବିବାର ■ ବଲାଙ୍ଗିର


R.N.I.No.: ODIODI/2000/03637 ● ୩୦ ଅଗଷ୍ଟ - ୦୫ ସେପ୍ଟେମ୍ବର ୨୦୨୦ ● 30 Aug. - 05 Sep. 2020 ● Odia Weekly ● 8 Pages, Rs.2/- only

## ସ୍କୁଲ କଲେଜ ପୂଜା ଛୁଟି ପର୍ଯ୍ୟନ୍ତ ବନ୍ଦ ରହିବ



ଭୁବନେଶ୍ୱର, (ସ୍ୱପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ରାଜ୍ୟରେ କୋଭିଡ ପରିଚାଳନା ସଂପର୍କରେ ସମୀକ୍ଷା କରିଥିବା ବେଳେ ବର୍ତ୍ତମାନର କୋଭିଡ ସ୍ଥିତିରେ ଛାତ୍ର ତଥା ଅଭିଭାବକମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ଆସନ୍ତା ପୂଜା ଛୁଟି ପର୍ଯ୍ୟନ୍ତ ସ୍କୁଲ କଲେଜ ସବୁ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ।

## ରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଦ୍ୱାରା ଏନସିସି ତାଲିମ ସଂକ୍ରାନ୍ତ ମୋବାଇଲ ଆପର ଶୁଭାରମ୍ଭ



ନୂଆଦିଲ୍ଲୀ, (ପିଆଇବି) : ରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମହାନିର୍ଦ୍ଦେଶକ (ଡିଜି,ଏନସିସି) ମୋବାଇଲ ଟ୍ରେନିଂ ଆପର ଶୁଭାରମ୍ଭ କରିଛନ୍ତି । ଏହି ଆପ ଜରିଆରେ ଦେଶବ୍ୟାପୀ ସମର ଶିକ୍ଷାର୍ଥୀମାନଙ୍କୁ ଅନଲାଇନ ତାଲିମ ପ୍ରଦାନ କରାଯାଇପାରିବ । କୋଭିଡ-୧୯ ଯୋଗୁଁ ଦେଶବ୍ୟାପୀ କଟକଣା ଜାରି ଯୋଗୁଁ ଏନସିସି ତାଲିମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ନିକଟ ଭବିଷ୍ୟତରେ ଖୋଲା ହେବା ସମ୍ଭାବନା ଖୁବ କମ ଥିବାରୁ ଏନସିସି କ୍ୟାଡେଟମାନଙ୍କୁ ଅନଲାଇନ ଯୋଗେ ତାଲିମ ପ୍ରଦାନ କରିବା ଆବଶ୍ୟକତା ଉପୁଜିଛି । ଏହି ଅବସରରେ ରକ୍ଷାମନ୍ତ୍ରୀ ଏନସିସି କ୍ୟାଡେଟମାନଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ କଥାବାର୍ତ୍ତା ହେବା ସହ ସେମାନଙ୍କ ପ୍ରଶ୍ନଗୁଡିକର ଉତ୍ତର ଦେଇଥିଲେ । ସମର ଶିକ୍ଷାର୍ଥୀମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ନେଇ ସେ କାମନା କରିଥିଲେ ।

ଆପର ଉଦ୍‌ଘାଟନ କାଳରେ ଉଦବୋଧନ ଦେଇ ସେ କହିଲେ ଯେ, କୋଭିଡ-୧୯ (ସପ୍ତମ ପୃଷ୍ଠା ଦେଖନ୍ତୁ)

## ରାଜେନ୍ଦ୍ର କଲେଜ ରାସ୍ତା ଅନ୍ଧକାରମୟ: ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଦାବୀ ଜଣାଇଲା ଜିଲ୍ଲା ଛାତ୍ର କଂଗ୍ରେସ



ବଲାଙ୍ଗିର, (ନିପ୍ର) : ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବ୍‌ଲି ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା । ସମସ୍ତଙ୍କ ସହଯୋଗ ଯୋଗୁଁ ଅତି କମ ସମୟରେ ଅନେକ ଉନ୍ନୟନମୂଳକ କାମ ହାତକୁ ନେଇ ଜୁବ୍‌ଲି ସମୟ ଭିତରେ ସଂପୂର୍ଣ୍ଣ କରାଯାଇଥିଲା । କିନ୍ତୁ ବର୍ଷେ ନପୂରୁଣୁ ଅନେକ ଏବେ ଅକାମୀ ହୋଇ ପଡିଥିବା ବେଳେ ରାଜେନ୍ଦ୍ର କଲେଜକୁ ଯାଇଥିବା ରାସ୍ତା ଅନ୍ଧାର ହୋଇପଡିଛି । ଅନ୍ଧାରର ଫାଇଦା ଉଠାଇ ନିଶାଖୋର ଏହି ରାସ୍ତକୁ ପେଣ୍ଠସ୍ଥଳି କରିବା ସହିତ ଜନସାଧାରଣ ଏହି ରାସ୍ତାରେ ଯିବା ଆସିବାକୁ ଭୟ କଲେଣି ବୋଲି ଅଭିଯୋଗ କରିଛି ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ । ଆହୁରି ଏହି ଲାଇଟ ଗୁଡିକର ଯଥାଶୀଘ୍ର ମରାମତି ପାଇଁ ପୌରପାଳିକା ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛି ।

ସୂଚନାଯୋଗ୍ୟ ଯେ କଲେଜର ଜୁବ୍‌ଲି ସମୟରେ କଲେଜ ଛକ ଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତା ଲାଇଟ୍ ଲଗା ଯାଇଥିଲା । କିନ୍ତୁ ବର୍ଷେ ନ ପୂରୁଣୁ ଗୋଟେ ଗୋଟେ କରି ପ୍ରାୟ ସମସ୍ତ ଲାଇଟ ଜଳିବା ବନ୍ଦ ହୋଇଗଲାଣି । ଏବେ ସଂପୂର୍ଣ୍ଣ ଅଂଚଳ ଅନ୍ଧକାରମୟ । ଏହା ନିଶାଖୋରମାନଙ୍କ ପେଣ୍ଠସ୍ଥଳି ପାଲଟିଥିବା ବେଳେ ଭୟରେ ସାଧାରଣ ଲୋକ ଏହି ରାସ୍ତା ଦେଇ ଯିବା ଅସିବା ବନ୍ଦ କରିବାକୁ ବସିଲେଣି । ତେଣୁ ଯଥାଶୀଘ୍ର ଏହାର ମାରାମତି କାରାଯାଇ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ପାଇଁ ଛାତ୍ର ସଂଘ ଦାବୀ କରିଛି । ତେବେ ରାଜେନ୍ଦ୍ର କଲେଜର ଏହି ରାସ୍ତା କୋଉଁ ବିଭାଗରେ ଅଛି ତାହା ଏପର୍ଯ୍ୟନ୍ତ ଜଣା ପଡି ନଥିବା ବେଳେ ଏପର୍ଯ୍ୟନ୍ତ ଏହାକୁ ମ୍ୟୁନିସିପାଲିଟିକୁ ହସ୍ତାନ୍ତର ହୋଇନାହିଁ ବୋଲି ସୂଚନା ମିଳିଥିଲା । ଫଳରେ ଛାତ୍ରସଂଘ କଲେଜ କର୍ତ୍ତୁପକ୍ଷଙ୍କୁ ଏ ବିଷୟରେ ପଚାରି ଥିଲେ, କିନ୍ତୁ କଲେଜ ପକ୍ଷ ମଧ୍ୟ ଏ ବିଷୟରେ ସବିଶେଷ ଜାଣି ନଥିବା ଦୁର୍ଭାଗ୍ୟଜନକ ।

ତେବେ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବା ନେଇ ପୌରାଂଚଳ ଅଧିକାରୀ ଆଶ୍ୱାସନା ଦେଇଛନ୍ତି ବୋଲି ଛାତ୍ର ସଭାପତି ଅଙ୍କିତ ସାହୁ କହିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଲୋପନ ମିଶ୍ର, ନିରଞ୍ଜନ ମିଶ୍ର, ଟୁଲୁ ସେନ, ଅଂଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଟିଟିଲାଗଡ଼ରେ ଅଲଟ୍ରାସାଉଣ୍ଡ ପାଇଁ ରୋଗୀ ହନ୍ତସନ୍ତ



ଟିଟିଲାଗଡ଼, (ନିପ୍ର) : ଟିଟିଲାଗଡ ଉପଖଣ୍ଡ ଚିକିତ୍ସାଳୟକୁ ବହୁ ଦୂର ଦୁରାନ୍ତରୁ ଅନେକ ରୋଗୀ ଆସିଥାନ୍ତି । କେବଳ ଟିଟିଲାଗଡ ଚିକିତ୍ସାଳୟକୁ ନୁହେଁ, ଏଠାରେ ଥିବା ଛୋଟ ବଡ଼ କ୍ଲିନିକ୍‌କୁ ମଧ ବହୁ ଦୂରରୁ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । କିନ୍ତୁ ରୋଗୀ ଓ ତାଙ୍କ ବନ୍ଧୁ ପରିଜନ ଅଲଟ୍ରାସାଉଣ୍ଡ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ଯନ୍ତ୍ର ଥାଇ ମଧ ତାର ଉପଯୋଗ କରା ଯାଉନାହିଁ । ଗର୍ଭବତୀ ମହିଳାଙ୍କୁ ଘରୋଇ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରିବା ପାଇଁ ପଠାଇ ଦେଉଥିବା ଅଭିଯୋଗ ହେଉଛି । କିନ୍ତୁ ବର୍ତ୍ତମାନ ଘରୋଇ କ୍ଲିନିକ୍ ଓ ନର୍ସିଂ ହୋମ୍‌ରେ ମଧ ଅଲଟ୍ରାସାଉଣ୍ଡ ହୋଇ ପାରୁନାହିଁ । ଟିଟିଲାଗଡ ସହର ସହିତ ପାଖ ଅଂଚଳର ରୋଗୀ ମଧ କେବଳ ଅଲଟ୍ରାସାଉଣ୍ଡ ପାଇଁ ନିଜ ଅଂଚଳରୁ ପ୍ରାୟ ୮୦ କି.ମି. ଦୂରବର୍ତ୍ତୀ ବଲାଙ୍ଗିର ଯାଉଛନ୍ତି । କୋରୋନା ମହାମାରୀ ପରିସ୍ଥିତିରେ ମଧ ଏତେ ଦୂର ଯିବା ଆସିବା ଗରିବ ଲୋକଙ୍କ ପାଇଁ କାଠିକର ପାଠ ହେଉଛି । ଟିଟିଲାଗଡରେ ଅନେକ ରାଜନୈତିକ ଓ ପ୍ରଶାସନିକ ଉଚ୍ଚ ପଦ ପଦବୀରେ ଥାଇ ମଧ ଟିଟିଲାଗଡ ଜନସାଧାରଣଙ୍କ ଅତ୍ୟନ୍ତ ଜରୁରୀ ଥିବା ସ୍ୱାସ୍ଥ୍ୟ ବିଭାଗର ସମସ୍ୟାକୁ ସୁଧାରି ପାରୁନାହାନ୍ତି ବୋଲି ବୁଦ୍ଧଜୀବୀମାନେ ଆଲୋଚନା କରୁଛନ୍ତି । ସେଥିପାଇଁ ଟିଟିଲାଗଡବାସୀ ସ୍ୱାସ୍ଥ୍ୟ ବିଭାଗକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ଧ୍ୟାନ ଦେବାକୁ ଦାବୀ ଜଣାଇଛନ୍ତି ।

## ଅଏଁଲାସାରି ଘଟଣା : ଦଳିତ ସମାଜର ୬ ଦଫା ଦାବୀ

### 'ପୋଲିସ ପ୍ରଶାସନର ଦଳିତ ଦମନ ନୀତି ଜାରି ରହିଲେ ହେବ ବିଶାଳ ଆନ୍ଦୋଳନ'



ବଲାଙ୍ଗିର, (ନିପ୍ର) : ଜିଲ୍ଲା ଦଳିତ ସମାଜ ଗତ ୨୮ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଦଳିତମାନଙ୍କ ଉପରେ ହେଉଥିବା ଅନ୍ୟାୟ ସଂପର୍କରେ ଆଲୋଚନା କରିଛି । ଗତ ୨୬ ତାରିଖରେ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଅଏଁଲାସାରି ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଥିଲା । ସବର୍ଣ୍ଣମାନେ ଗୋଷ୍ଠୀବଦ୍ଧ ହୋଇ ଅସବର୍ଣ୍ଣ ବସ୍ତି ଉପରେ ଆକ୍ରମଣ କରି ଅସବର୍ଣ୍ଣଙ୍କ ଘର, ଆସବାବ ପତ୍ର, ଗାଡି ଆଦି ଭାଙ୍ଗିର ଚୁରମାର କରିବା ସହିତ ଦଳିତ ମହିଳାମାନଙ୍କ ଉପରେ ଆକ୍ରମଣ କରିଥିଲେ । ଗ୍ରାମରେ ନିର୍ବାଚିତ ସରପଞ୍ଚ ଥାଇ ମଧ୍ୟ ସେ ନିଜ ଦାୟିତ୍ୱ ପୁରଣ ନକରି ଓଲଟା ଦଳିତଙ୍କ ସର୍ବନାଶ କରିବା ପାଇଁ ଲୋକଙ୍କୁ ଉସକାଇଥିଲେ ।ଏହାର ପ୍ରତିବାଦ ସ୍ୱରୂପ ଗ୍ରାମର ଅସବର୍ଣ୍ଣମାନେ ପ୍ରାୟ ୪୬ ଜଣଙ୍କ ବିରୁଦ୍ଧରେ ଏଫ୍‌ଆଇଆର ଦାୟର କରିଥିଲେ । କିନ୍ତୁ ପୋଲିସ ଓଲଟା ପୀଡିତ ପକ୍ଷରୁ ୧୦ଜଣଙ୍କୁ ଗିରଫ କରି ଲୋର୍ଟ ଚାଲାଣ କରିଥିଲା । ତେବେ ଏଯାଏଁ ସବର୍ଣ୍ଣ ପକ୍ଷରୁ କେବଳ ୭ ଜଣଙ୍କୁ ଗିରଫ କାରାଯାଇଥିବା ବେଳେ ବାକି ୩୯ ଜଣ ଖୋଲା ବୁଲୁଛନ୍ତି । ସେହିପରି ଧାରାବାହିକ ଭାବେ ସମଲେଶ୍ୱରୀ ହସପିଟାଲରେ ମୃତ ଦଳିତ ମହିଳା, ଭୀମଭୋଇ ମେଡିକାଲରେ ମୃତ ପ୍ରମିଳା ହରପାଲ, ଜିତେନ୍ଦ୍ର ସୁନା ଘଟଣାରେ ପୋଲିସ ଏଯାଏଁ କୌଣସି ଚାର୍ଜସିଟ ପ୍ରସ୍ତୁତ କରିପାରି ନଥିବା ବେଳେ ଓଲଟା ଜିତେନ୍ଦ୍ରଙ୍କ ଦୁଇ ଭାଇଙ୍କୁ ଏନଏସଏ ଆଇନରେ ବନ୍ଦୀ କରିରଖିଛି । ସେହିପରି ଲାଠୋର ଘରପୋଡି ମାମଲା, ସ୍ନେହଲତା ଛତ୍ରିଆ ଗଣଧର୍ଷଣ ମାମଲା, ଚାନୁଟମାଲରେ ଏଟ୍ରୋସିଟି ମାମଲା ଆଜି ପ୍ରଶାସନର ସୁପ୍ତ ଅବସ୍ଥାର ପ୍ରମାଣ ଦେଇଛି । ସେହିପରି ସ୍ଥାନୀୟ (ସପ୍ତମ ପୃଷ୍ଠା ଦେଖନ୍ତୁ)

## ଗାଁର ବିଶୃଙ୍ଖଳିତ ସ୍ଥିତିକୁ ନେଇ ବଲାଙ୍ଗିର ପୌରାଂଚଳ ଯାଦବ ମହାସଭା ପକ୍ଷରୁ ଏସ୍‌ପିଙ୍କୁ ପତ୍ର




ବଲାଙ୍ଗିର, (କେପିଏନ୍‌ଏସ୍) : ଅଏଁଲାସାର ଗାଁର ଅସବର୍ଣ୍ଣ ଓ ସବର୍ଣ୍ଣ ମଧ୍ୟରେ ଚାଲିଥିବା ବିଶୃଙ୍ଖଳାକୁ ନେଇ ବଲାଙ୍ଗିର ପୌରାଂଚଳ ଯାଦବ ମହାସଭା ପକ୍ଷରୁ ବଲାଙ୍ଗିର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓ. ଶ୍ରୀମନ୍ତ ବାରିକଙ୍କ ଜରିଆରେ ଏକ ପତ୍ର ପ୍ରଦାନ କରାଯାଇଛି । ପତ୍ରରେ ଅନୁରୋଧ କରାଯାଇଛି ଯେ, ପୁଇଁନ୍ତଲା ଥାନା ଅଧୀନସ୍ଥ ବହଲପଦର ପଞ୍ଚାୟତର ଅଏଁଲାସାରି ଗ୍ରାମରେ ଜଣକୁ ଯୋଜନାବଦ୍ଧ ଭାବରେ ହତ୍ୟା କରି ମଧ୍ୟ ନିଜର ପତିଆରା ଜାହିର୍ ପାଇଁ ଗାଁରେ ଭୟର ବାତାବରଣ ସୃଷ୍ଟି (ସପ୍ତମ ପୃଷ୍ଠା ଦେଖନ୍ତୁ)

### ଚଟ୍‌ପଟ୍

ଆନଂଦ



ମାନୁନି କରୋନା
କାହାରି ବି ବୋଲ
ଆହୁରି ଆହୁରି ମାଡୁଛି
ଥାବରେ ରହୁଛି
ମଣିଷ ଜୀବନ
ଜୀବିକା ତେଣିକି କାନ୍ଦୁଛି ।।

## ସଂପାଦକୀୟ

# ଜାତି କଳହ

ଜାତି ଜାତି ଭିତରେ କଳହ ଆମ ସମାଜରେ ଦିନକୁ ଦିନ ବଢ଼ି ଚାଲିଥିବା ଲକ୍ଷ୍ୟ କରାଯାଉଛି, ଯାହା ନିହାତି ଏକ ନିନ୍ଦନୀୟ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ । ନିକଟରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପୁଇଁନ୍ତଲା ବ୍ଲକ୍ ଅଧୀନସ୍ଥ ତଥା ବହଲପଦର ଗ୍ରାମ ପଞ୍ଚାୟତର ଅଏଁଲାସାରି ଗାଁରେ ଗତ ୨୬ ତାରିଖ ଦିନ ଘଟିଛି ଏଭଳି ଏକ ନିନ୍ଦନୀୟ ଘଟଣା । ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଦୁଇ ପକ୍ଷରୁ ମାମଲା ଯାଇ ଥାନାରେ ପହଂଚିଛି । ଟଣା ଓଟରା, କଥା କଟାକଟି ତଥା କାଦୁଅ ଫିଙ୍ଗାଫିଙ୍ଗି ଜୋର୍ ଧରିଛି ଏବେ ସାରା ଅଂଚଳରେ । ପୁଲିସ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଚେଷ୍ଟା ଜାରି ରହିଛି, ଘଟଣାକୁ ଶାନ୍ତ କରିବା ପାଇଁ । କିନ୍ତୁ ବର୍ତ୍ତମାନ ମଧ୍ୟ ଘଟଣାର ଧୂଆଁ ଯାଇନାହିଁ ଗାଁ ଦାଣ୍ଡରୁ । ଏକ ଅଶାନ୍ତ ବାତାବରଣ ଘେରି ରହିଛି ସାରା ଗାଁକୁ । ସଂପୃକ୍ତ ଘଟଣାରେ ଅସବର୍ଣ୍ଣଙ୍କ ବସ୍ତିର ଅନେକ ଘର ଭାଙ୍ଗିଥିବା ବେଳେ ଦୁଇ ପକ୍ଷରୁ ଅନେକେ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ମଧ୍ୟ ହେଉଥିବା ଖବର ମିଳିଛି ।

ତେବେ ଏଠାରେ କଥା ଉଠୁଛି, ଜାତିବାଦ ଭଳି ଏକ ହୀନମନ୍ୟତା ଆମ ସମାଜରୁ ଆଜି ବି ଦୂର ହୋଇ ପାରିନାହିଁ । ଏହାର ଅନେକ କାରଣ ଅବଶ୍ୟ ରହିଛି । ସେ ସଂପର୍କରେ ଆଲୋଚନା କରିବାକୁ ହେଲେ ଏକ ଦୀର୍ଘ ମିଆଦି ଆଲୋଚନାଚକ୍ରର ଆବଶ୍ୟକତା ରହିଛି । ନିକଟ ଅତୀତରେ ଅନେକ ଘଟଣାର ଉଦାହରଣ ଦେଇ ଦଳିତ ସମାଜ ପକ୍ଷରୁ ଯଥେଷ୍ଟ ଅଭିଯୋଗ କରାଯାଇଛି । ଦଳିତ ସମାଜ ପ୍ରତି ବାରମ୍ବାର ଅବହେଳା କରାଯାଉଥିବା ତଥା ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଉ ନଥିବା ଭଳି ସଂଗୀନ ଅଭିଯୋଗ ମଧ୍ୟ ରହିଛି । ତେବେ ଏଭଳି ଅଭିଯୋଗ ଯେ ସଂପୂର୍ଣ୍ଣ ଭିତ୍ତିହୀନ କହି ସାମାଜିକ ମଣିଷମାନେ ନିଜକୁ ଘଟଣା ପ୍ରବାହରୁ ଓହରେଇ ନେବା ଅଧିକାଂଶ କ୍ଷେତ୍ରରେ ଭୁଲ ମଧ୍ୟ ପ୍ରମାଣିତ ହୋଇପାରେ । ସ୍ୱାଧୀନ ଭାରତରେ ସମସ୍ତ ନାଗରିକଙ୍କ ସମାନ ଅଧିକାର ରହିଛି ବୋଲି ଆମେ ସମସ୍ତେ ଜାଣୁ । ତେବେ ପାତର ଅନ୍ତର କଥା ଉଠିବା ବେଳକୁ ନିଶ୍ଚୟ କଷ୍ଟ ଲାଗେ ଜଣେ ସଚେତନ ନାଗରିକଙ୍କୁ ।

ସେ ଯାହା ବି ହେଉ, ଜାତି କଳହ ଭଳି ଏକ ହୀନ ଅଧ୍ୟାୟ ଆମ ସମାଜରୁ କିପରି ଦୂର ହେବ, ସେଥିପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ତଥା ସମସ୍ତ ବୁଦ୍ଧିଜୀବୀ ବିଶେଷ ଭାବେ ଚିନ୍ତା କରିବା ଏକାନ୍ତ ଆବଶ୍ୟକ । ଏ ଦିଗରେ ଯତ୍ନବାନ ନ ହେଲେ ସମାଜକୁ କଳୁଷ କାଳିମାରୁ ରକ୍ଷା କରିବା ନିହାତି ଅସମ୍ଭବ, ଏହା ଛାତିରେ ହାତ ଦେଇ କହିହେବ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି, ନିରୀହମାନେ ଆଇନ୍ ପନ୍ଝାରେ ଫଶି ଯାଉଥିବା ବେଳେ ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିବିଶେଷ ନିଜ ପତିଆରାର ବପୁରେ ହେଉ କିମ୍ବା ଲୋକବଳରେ ହେଉ ଆଇନ ପନ୍ଝାରୁ ଖସି ଯାଉଛନ୍ତି । ଏ ଦିଗ ପ୍ରତି ପ୍ରଶାସନ ସଜାଗ ହେବା ଏକାନ୍ତ ଆବଶ୍ୟକ ହୋଇ ପଡ଼ିଛି । ଯେଉଁଠି ବି ଜାତି କଳହ ଭଳି ସମସ୍ୟା ଦେଖା ଦେଉଛି, ସେଠାରେ ପ୍ରଶାସନ ପକ୍ଷରୁ ଅଧିକ ଦାୟିତ୍ୱ ବଢ଼ି ଯାଉଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏଥିପ୍ରତି ପ୍ରଶାସନ ଅଧିକ ଯତ୍ନବାନ ହେବା ନିହାତି ଆବଶ୍ୟକ ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୯୬



# ଚିହ୍ନିବାରେ ଭୁଲ

ବ୍ୟକ୍ତିକୁ ଚିହ୍ନିବାରେ ଥରେ ଥରେ ସମାଜ ଭୁଲ କରିଦିଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ଆଚରଣ, ସମାଜକୁ ତୀବ୍ର ଅସହିଷ୍ଣୁ କରିଦିଏ । ସମାଜ କଟୁ ପ୍ରତିକ୍ରିୟାଶୀଳ ହୋଇପଡ଼େ । କିନ୍ତୁ ମୃତ୍ୟୁ ପରେ ଅକସ୍ମାତ୍ ସମଗ୍ର ସମାଜ ବିସ୍ମିତ ହୋଇପଡ଼େ । ଏଭଳି ଏକ ସତ୍ୟ ଘଟଣା–

ଜର୍ମାନୀରେ ଜଣେ ବଣିକ, ତାଙ୍କ ଜୀବଦ୍ଦଶାରେ ଏତେ କୃପଣ ଥିଲେ ଯେ, ପଇସାଟିଏ ଖର୍ଚ୍ଚ କରିବା ବା ଦାନ ସହଯୋଗ କରିବା ସେ ଜମା ଜାଣି ନଥିଲେ । ଏହି କାରଣରୁ ପତ୍ନୀ ତାଙ୍କୁ ପରିତ୍ୟାଗ କରି ଚାଲିଗଲେ । ଗାଆଁର ଯାନିଯାତରା କିମ୍ବା ସାମାଜିକ ଆବଶ୍ୟକତାର କ୍ଷଣରେ ବି ସାମାନ୍ୟତମ ସହଯୋଗ କରିବାରେ ପଛଘୁଂଚା ଦେଉଥିଲେ । ସମାଜର ପ୍ରତ୍ୟେକ ମଂଚରେ ତାଙ୍କର ଛି ଛି ହେଉଥାଏ ।

ଆୟୁଷ ପୂର୍ଣ୍ଣ ହେଲା ପରେ ଦିନେ ତାଙ୍କର ମୃତ୍ୟୁ ଘଟିଲା । ଅନ୍ତିମ ସଂସ୍କାର ପାଇଁ ଗାଆଁର କେହି ବି ଆଗକୁ ଆସିଲେ ନାହିଁ । ସମସ୍ତେ ତାଙ୍କ ପ୍ରତି ତୀବ୍ର ଘୃଣାଭାବ ରଖି ସମାଲୋଚନା କରି ଚାଲିଥାନ୍ତି । ଶବ କିଛି କ୍ଷଣ ପଡ଼ି ରହିଲା । ଏତେବେଳକୁ ଗାଆଁର ଚାରି ଜଣ ଛତରାଟୋକା ଅନ୍ତିମକ୍ରିୟା କରିପା ପାଇଁ ଅଗ୍ରସର ହେଲେ । କୌଣସି ସ୍ୱାର୍ଥ ନାହିଁ । କେବଳ କର୍ତ୍ତବ୍ୟ ସଂପାଦନର ତାଡ଼ନା ଏବଂ ଚେତନାର ଅଳ୍ପ କିଛି ଅବସ୍ଥିତି ସେମାନଙ୍କୁ ସତର୍କ କରୁଥାଏ । ନହେଲେ ସେମାନେ ତ ବି ସମାଜର ଚାରୋଟି ଅପଦାର୍ଥ ଏବଂ ବେକାର ଯୁବକ ଥିଲେ । କିନ୍ତୁ ଅପଦାର୍ଥକୁ ଯଦି ସକାରାତ୍ମକ ଦୃଷ୍ଟିରେ ଦେଖିବା, ତେବେ ଯିଏ ବସ୍ତୁପ୍ରବଣ ନୁହେଁ, ସିଏ ନିଶ୍ଚିତ ଆତ୍ମପ୍ରବଣ ହୋଇଥିବ । ସେ ଯାହାହେଉ, ସେହି ଚାରି ଜଣ ବୃଦ୍ଧଙ୍କୁ ନେଇ କବର ଦେଇ ତା' ଉପରେ ଫୁଲ ଚଢ଼ାଇ ଘରକୁ ଲେଉଟିଲେ ।

ପରଦିନ ଧନିକଙ୍କ ଉଇଲ ଖୋଲାଯାଇ ପଢ଼ା ହେଲା । ସମାଜର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ରୁଣ୍ଡ ହୋଇଥାନ୍ତି । ସନନ୍ଦରେ ଲେଖା ଥିଲା – ମୋ ମୃତ୍ୟୁ ପରେ ଯେଉଁ ଚାରି ଜଣ ମତେ କାନ୍ଧ ଦେବେ, ସେମାନଙ୍କ ମଧ୍ୟରେ ମୋର ସମସ୍ତ ସଂପତ୍ତି ସମାନ ଭାବରେ ବାଂଟି ଦେବ । ସମସ୍ତ ସମାଜ ସ୍ତମ୍ଭୀଭୂତ ହୋଇ ପଡ଼ିଲା ।

ନିଜର ସମଗ୍ର ଜୀବନକୁ ବୋଧହୁଏ ଧନୀ ଜଣକ ଏକ ପ୍ରୟୋଗଶାଳାରେ ପରିଣତ କରିଦେଇଥିଲେ । ଅଭିପ୍ରାୟ ଥିଲା – ଭିଡ଼ ମଧ୍ୟରେ ପ୍ରକୃତ ମଣିଷକୁ ଚିହ୍ନିବା । ସତରେ ମୃତ୍ୟୁ ପରେ ଏହି ଚାରି ଜଣ ଯୁବକଙ୍କୁ ପାଇ, ସେ ଆଶ୍ୱସ୍ତ ହୋଇଥିବେ ନା' କ'ଣ ?

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡ଼ିଓ ଅଭିଭାଷଣ "ମନ୍ କି ବାତ୍'ର ଓଡ଼ିଆ ଭାଷାନ୍ତର

## ମନର କଥା ୨.୦ (ପଂଚଦଶ ଅଧ୍ୟାୟ)

- ଦେଶରେ ପ୍ରତ୍ୟେକ ଆୟୋଜନରେ ଯେଉଁଭଳି ସଂଯମତା ଏବଂ ଆଡମ୍ବରଶୂନ୍ୟତା ପରିଲକ୍ଷିତ ହେଉଛି, ତାହା ଅଭୂତପୂର୍ବ : ପ୍ରଧାନମନ୍ତ୍ରୀ
- ଖେଳନା ଉଦ୍ୟୋଗର ବିକାଶ ପାଇଁ ଷ୍ଟାର୍ଟ-ଅପ୍ ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ 'ଟିମ୍ ଅପ୍ ଫର୍ ଟଏଜ୍' ଆହ୍ୱାନ
- ଆତ୍ମନିର୍ଭର ଭାରତ ଅଭିଯାନରେ ଭର୍ଚୁଆଲ୍ ଗେମ୍ସ ଓ ଖେଳଣା କ୍ଷେତ୍ରର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ
- ଆତ୍ମନିର୍ଭର ଭାରତ ଆପ୍ ଇନ୍ନୋଭେସନ୍ ଚ୍ୟାଲେଞ୍ଜରେ ବିଜୟୀ ସ୍ୱଦେଶୀ ଆପଗୁଡ଼ିକର ବିଶେଷତା ସମ୍ପର୍କରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ
- ଆଗାମୀ ପୋଷଣ ମାସକୁ ଜନ ଆନ୍ଦୋଳନର ରୂପ ଦେବାପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ
- ଦୁଇ ଗଜ ଦୂରତା ଓ ମାସ୍କ କରୋନାକୁ ପରାସ୍ତ କରିବା ପାଇଁ ଏକାନ୍ତ ଜରୁରି : ପ୍ରଧାନମନ୍ତ୍ରୀ

ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । ସାଧାରଣତଃ ଏହି ସମୟରେ ପାର୍ବଣ ଋତୁ ଚାଲିଥାଏ । ସ୍ଥାନେ ସ୍ଥାନେ ମେଳା-ମହୋତ୍ସବ ଚାଲିଥାଏ, ଧାର୍ମିକ ପୂଜା ଆରାଧନା ହେଉଥାଏ । କରୋନାର ଏହି ସଙ୍କଟ ସମୟରେ ଲୋକଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ତ ରହିଛି, କିନ୍ତୁ ଆମ ସମସ୍ତଙ୍କ ମନକୁ ଛୁଇଁଗଲା ଭଳି ଶୃଙ୍ଖଳା ଭାବ ମଧ୍ୟ ରହିଛି । ଏକ ପ୍ରକାର କହିବାକୁ ଗଲେ, ନାଗରିକମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ମଧ୍ୟ ରହିଛି । ଲୋକେ ନିଜର ଯତ୍ନ ନେବା ସହ ଅନ୍ୟମାନଙ୍କ ପ୍ରତି ମଧ୍ୟ ଯତ୍ନବାନ ହୋଇ ନିଜର ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରୁଛନ୍ତି । ଦେଶରେ ହେଉଥିବା ପ୍ରତ୍ୟେକ ଆୟୋଜନରେ ଯେଉଁଭଳି ସଂଯମତା ଏବଂ ଆଡମ୍ବରଶୂନ୍ୟତା ଏଥର ପରିଲକ୍ଷିତ ହେଉଛି, ତାହା ଅଭୂତପୂର୍ବ । ଗଣେଶୋତ୍ସବ ମଧ୍ୟ କେଉଁଠି ଅନ୍‌ଲାଇନ୍ ପାଳନ କରାଯାଇଛି, ତ କେଉଁଠି ପରିବେଶ ଅନୁକୂଳ (ଇକୋ ଫ୍ରେଣ୍ଡଲି) ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇଛି । ବନ୍ଧୁଗଣ, ସୂକ୍ଷ୍ମତାର ସହ ଅନୁଧ୍ୟାନ କଲେ ଗୋଟିଏ କଥା ଆମ ଦୃଷ୍ଟିକୁ ନିଶ୍ଚୟ ଆସିବ– ତାହାହେଲା ଆମ ପର୍ବପର୍ବାଣୀ ଓ ପରିବେଶ । ଏଇ ଦୁଇଟି ମଧ୍ୟରେ ଖୁବ ଗଭୀର ସମ୍ପର୍କ ରହିଛି । ଏକପକ୍ଷରେ ଆମ ପର୍ବପର୍ବାଣୀ ପଛରେ ପରିବେଶ ଏବଂ ପ୍ରକୃତି ସହିତ ସହାବସ୍ଥାନର ବାର୍ତ୍ତା ରହୁଛି, ଅପରପକ୍ଷରେ ଅନେକ ପର୍ବ ପ୍ରକୃତିର ସୁରକ୍ଷା ଉଦ୍ଦେଶ୍ୟରେ ହିଁ ପାଳନ କରାଯାଉଛି । ଯେମିତିକି, ବିହାରର ପଶ୍ଚିମ ଚମ୍ପାରଣରେ ଶହ ଶହ ବର୍ଷଧରି ଥାରୁ ଆଦିବାସୀ ସମାଜର ଲୋକମାନେ ୬୦ ଘଂଟାର ଲକ୍‌ଡାଉନ୍ ବା ସେମାନଙ୍କ ଭାଷାରେ କହିଲେ ୬୦ ଘଂଟାର ବର୍‌ନା ପାଳନ କରିଥାନ୍ତି । ପ୍ରକୃତିର ସୁରକ୍ଷା ପାଇଁ ବର୍‌ନାକୁ ଥାରୁ ସମାଜ ନିଜ ପରମ୍ପରାର ଅଂଶ କରିଦେଇଛନ୍ତି । ଏହି ସମୟରେ ନା କେହି ଗାଁକୁ ଆସନ୍ତି, ଆଉ ନା କେହି ନିଜ ଘରୁ ବାହାରନ୍ତି । ଏହି ସମୟରେ ଲୋକଙ୍କ ଯିବା ଆସିବା ହେଲେ କିମ୍ବା ସେମାନେ ଘରୁ ବାହାରିଲେ ନୂଆ ଗଛଲତାର କ୍ଷତି ହୋଇପାରେ ବୋଲି ସେମାନଙ୍କ ଧାରଣା ରହିଛି । ବର୍‌ନା ଆରମ୍ଭରେ ଆମର ଏହି ଆଦିବାସୀ ଭାଇ-ଭଉଣୀମାନେ ପୂଜା-ଅର୍ଚ୍ଚନା କରନ୍ତି ଏବଂ ଏହାର ସମାପ୍ତିରେ ଆନନ୍ଦ ଉଲ୍ଲାସ ସହ ଆଦିବାସୀ ପରମ୍ପରାରେ ନାଚ-ଗୀତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ ।

ବନ୍ଧୁଗଣ, ଏହି ସମୟରେ ଓଣମ୍ ପର୍ବ ମଧ୍ୟ ଖୁବ ଧୁମଧାମରେ ପାଳନ କରାଯାଉଛି । ଚିଙ୍ଗମ୍ ମାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ସମୟରେ ଲୋକେ କିଛି ନୂଆ ଜିନିଷ କିଣନ୍ତି, ନିଜ ଘର ସଜାନ୍ତି, ପୁକ୍କଲମ୍ ତିଆରି କରନ୍ତି । ଓଣମ୍-ସଦିୟାର ମଧ୍ୟ ମଜା ନିଅନ୍ତି, ବିଭିନ୍ନ ପ୍ରକାରର ଖେଳ ଓ ପ୍ରତିଯୋଗିତାର ଆୟୋଜନ ମଧ୍ୟ ହୋଇଥାଏ । ଓଣମ୍‌ର ଆନନ୍ଦ-ଉଲ୍ଲାସ ତ ଏବେ ସୁଦୂର ଦେଶ-ବିଦେଶକୁ ମଧ୍ୟ ବ୍ୟାପିସାରିଲାଣି । ଆମେରିକା ହେଉ, ୟୁରୋପ ହେଉ ବା ଉପସାଗରୀୟ ଦେଶଗୁଡ଼ିକ ହେଉ – ଓଣମ୍‌ର ଆନନ୍ଦ ଆପଣ ସବୁଠି ଦେଖିବାକୁ ପାଇବେ । ଓଣମ୍ ଗୋଟିଏ ଆନ୍ତର୍ଜାତିକ ଉତ୍ସବ ହେବାକୁ ବସିଲାଣି ।

ବନ୍ଧୁଗଣ, ଓଣମ୍ ଏକ କୃଷିଭିତିକ ପର୍ବ । ଏହା ଆମ ଗ୍ରାମୀଣ ଅର୍ଥବ୍ୟବସ୍ଥା ପାଇଁ ଆରମ୍ଭର ସମୟ ହୋଇଥାଏ । ଚାଷୀମାନଙ୍କ ଶକ୍ତିରେ ହିଁ ଆମ ଜୀବନ ଓ ଆମ ସମାଜ ଚାଲିଥାଏ । ଆମ ପର୍ବପର୍ବାଣି ଚାଷୀମାନଙ୍କ ପରିଶ୍ରମ ଯୋଗୁଁ ହିଁ ରଙ୍ଗୀନ ହୋଇଥାଏ । ଆମର ଅନ୍ନଦାତା, ଚାଷୀମାନଙ୍କ ଜୀବନଦାୟିନୀ ଶକ୍ତିକୁ ବେଦରେ ମଧ୍ୟ ଅତି ଗୁରୁତ୍ୱର ସହ ପ୍ରଣାମ କରାଯାଇଛି । ଋଗ୍‌ବେଦରେ ମନ୍ତ୍ର ରହିଛି –

ଅନ୍ନାନାଂ ପତୟେ ନମଃ, କ୍ଷେତ୍ରାଣାମ୍ ପତୟେ ନମଃ ।

ଅର୍ଥାତ୍, ଅନ୍ନଦାତାଙ୍କୁ ପ୍ରଣାମ, ଚାଷୀଙ୍କୁ ପ୍ରଣାମ । ଆମର ଚାଷୀମାନେ କରୋନାର ଏହି କଠିନ ପରିସ୍ଥିତିରେ ମଧ୍ୟ ନିଜ ଶକ୍ତିକୁ ପ୍ରମାଣିତ କରିଛନ୍ତି । ଆମ ଦେଶରେ ଏଥର ଖରିଫ ଫସଲ ବୁଣା ଗତବର୍ଷ ତୁଳନାରେ ସାତ ପ୍ରତିଶତ ଅଧିକ ହୋଇଛି । ଧାନର ତଳିରୁଆ ଏଥର ପ୍ରାୟ ଦଶ ପ୍ରତିଶତ, ଡାଲିଜାତୀୟ ଫସଲ ପ୍ରାୟ ପାଂଚ ପ୍ରତିଶତ, ମକା-ବାଜରା- ମାଣ୍ଡିଆ ଆଦି ପ୍ରାୟ ତିନି ପ୍ରତିଶତ, ତୈଳବୀଜ ଜାତୀୟ ଫସଲ ପ୍ରାୟ ତେର ପ୍ରତିଶତ, କପା ପ୍ରାୟ ତିନି ପ୍ରତିଶତ ଅଧିକ ଚାଷ କରାଯାଇଛି । ଏଥିପାଇଁ ମୁଁ ଦେଶର ଚାଷୀମାନଙ୍କୁ ଅଭିନନ୍ଦନ ଜଣାଉଛି । ସେମାନଙ୍କ ପରିଶ୍ରମକୁ ପ୍ରଣାମ ଜଣାଉଛି ।

ମୋର ପ୍ରିୟ ଦେଶବାସୀଗଣ, କରୋନାର ଏହି ସମୟରେ ଦେଶ ଅନେକ କ୍ଷେତ୍ରରେ ଏକା ସମୟରେ ସଂଗ୍ରାମ ଚଳାଇଛି । କିନ୍ତୁ ଏଥିସହ, ଅନେକ ଥର ମନରେ ଏହି ପ୍ରଶ୍ନ ମଧ୍ୟ ଉଙ୍କି ମାରିଛି ଯେ, ଦୀର୍ଘଦିନ ଧରି ଘରେ ରହିବା ଯୋଗୁଁ, ମୋର କୁନି କୁନି ବନ୍ଧୁମାନଙ୍କ ସମୟ କେମିତି କଟୁଥିବ ? ତେଣୁ, ମୁଁ ଗାନ୍ଧୀନଗରର ଶିଶୁ ବିଶ୍ୱବିଦ୍ୟାଳୟ (ଚିଲ୍‌ଡ୍ରେନ ୟୁନିଭରସିଟି), ଯାହା ସମଗ୍ର ବିଶ୍ୱରେ ଏକ ଅଭିନବ ପ୍ରୟୋଗ, ଏହାକୁ ନେଇ ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସୂକ୍ଷ୍ମ-ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସହ ମିଶି – ପିଲାମାନଙ୍କ ପାଇଁ କ'ଣ କରାଯାଇପାରିବ, ସେ ସମ୍ପର୍କରେ ଚିନ୍ତା ଏବଂ ବିଚାର-ଆଲୋଚନା କଲି । ଏହା ମୋ ପାଇଁ ଖୁବ ଆନନ୍ଦଦାୟକ ଥିଲା, ଲାଭଦାୟକ ଥିଲା – କାରଣ ଏହା ମୋତେ କିଛି ନୂଆ କଥା ଜାଣିବା ପାଇଁ, ଶିଖିବା ପାଇଁ ସୁଯୋଗ ପ୍ରଦାନ କଲା ।

ବନ୍ଧୁଗଣ, ଆମର ଆଲୋଚନାର ବିଷୟ ଥିଲା – ଖେଳଣା, ବିଶେଷକରି ଭାରତୀୟ ଖେଳଣା । ଭାରତର ପିଲାମାନଙ୍କୁ ନୂଆ ନୂଆ ଖେଳଣା କେମିତି ମିଳିପାରିବ ସେକଥା ଉପରେ ଆମେ ଆଲୋଚନା କଲୁ । ଭାରତ ଖେଳଣା ପ୍ରସ୍ତୁତିର ଏକ ପ୍ରମୁଖ କେନ୍ଦ୍ର କିଭଳି ହୋଇପାରିବ ? ମନର କଥା ଶୁଣୁଥିବା ପିଲାମାନଙ୍କ ପିତାମାତାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥନା କରୁଛି, କାରଣ ଏହି ମନର କଥା ଶୁଣିବା ପରେ ଏଥର ନୂଆ ନୂଆ ଖେଳଣା ଆଣିବା ପାଇଁ ବରାଦ ମିଳିବ ।

ବନ୍ଧୁଗଣ, ଖେଳଣା ଏକପ୍ରକାର ଚଂଚଳତା ବୃଦ୍ଧି କରିଥାଏ, ଅପରପକ୍ଷରେ ଏହା ଆମ ଆକାଂକ୍ଷାକୁ ମଧ୍ୟ ନୂତନ ଦିଗ ପ୍ରଦାନ କରିଥାଏ । ଖେଳଣା କେବଳ ମନୋରଞ୍ଜନ କରିନଥାଏ, ଏସବୁ ମନକୁ ସୃଜନଶୀଳ କରିଥାଏ ଆଉ ମନକୁ ନୂତନ ଲକ୍ଷ୍ୟ ବି ପ୍ରଦାନ କରିଥାଏ । ମୁଁ କେଉଁଠି ପଢ଼ିଥିଲି ଯେ – ଗୁରୁଦେବ ରବୀନ୍ଦ୍ରନାଥ ଠାକୁର ଖେଳଣା ସମ୍ପର୍କରେ କହିଥିଲେ ଯେ, ଅଧାଗଢ଼ା ଖେଳଣା ହିଁ ସର୍ବୋତ୍କୃଷ୍ଟ ଖେଳଣା । ଏମିତି ଖେଳଣା, ଯାହା ଅଧାଗଢ଼ା ହୋଇଥିବ, ଆଉ ପିଲାମାନେ ମିଶି ଖେଳୁଖେଳୁ ଏହାକୁ ସମ୍ପୂର୍ଣ୍ଣ ଭାବେ ଗଢ଼ିଦେବେ । ଗୁରୁଦେବ ଠାକୁର କହିଥିଲେ ଯେ, ସେ ଯେତେବେଳେ ଛୋଟ ଥିଲେ, ସେତେବେଳେ ଘରେ ଉପଲବ୍ଧ ଜିନିଷଗୁଡ଼ିକରେ ହିଁ ନିଜ କଳ୍ପନା ଶକ୍ତିରେ ସାଙ୍ଗମାନଙ୍କ ସହ ମିଶି ନିଜ ଖେଳଣା ଓ ଖେଳ ତିଆରି କରୁଥିଲେ । କିନ୍ତୁ ଦିନେ ଶୈଶବର ସେହି ଆନନ୍ଦଦାୟକ ମୁହୂର୍ତ୍ତରେ ବଡ଼ ଲୋକଙ୍କ ହସ୍ତକ୍ଷେପ ଘଟିଲା । ଘଟଣା ଏହାଥିଲା ଯେ, ତାଙ୍କର ଜଣେ ସାଙ୍ଗ ଗୋଟିଏ ବଡ଼ ଓ ସୁନ୍ଦର ଦେଖାଯାଉଥିବା ବିଦେଶୀ ଖେଳଣା ନେଇଆସିଲା । ଖେଳଣାର ଆକର୍ଷଣ ଯୋଗୁଁ ସବୁ ପିଲାଙ୍କ ମନ ଖେଳ ଉପରୁ ହଟିଯାଇ ସେହି ଖେଳଣା ଉପରକୁ ଗଲା । ଖେଳ ଅପେକ୍ଷା ଖେଳଣାଟି ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଗଲା । କାଲି ଯାଏଁ ଯେଉଁ ସାଙ୍ଗଟି ସମସ୍ତଙ୍କ ସାଙ୍ଗରେ ମିଶି ଖେଳୁଥିଲା, ସମସ୍ତଙ୍କ ସାଙ୍ଗରେ ମିଶୁଥିଲା, ଏବେ ସେ ସମସ୍ତଙ୍କଠାରୁ ଦୂରେଇଗଲା । କହିବାକୁ ଗଲେ ଅନ୍ୟ ସାଙ୍ଗମାନଙ୍କ ପ୍ରତି ତା' ମନରେ ଭେଦଭାବର ଭାବନା ସୃଷ୍ଟି ହେଲା । ସେହି ଦାମିକା ଖେଳନାରେ ନା କିଛି କରିବାକୁ ଥିଲା, ନା କିଛି ସେଥିରେ ଶିଖିବାର ଥିଲା । ଅର୍ଥାତ, ଗୋଟିଏ ଆକର୍ଷଣୀୟ ଖେଳଣା ଗୋଟିଏ ଉତ୍କୃଷ୍ଟ ପିଲାଟିର ପ୍ରତିଭାକୁ ଦମନ କଲା, ଲୁଚାଇ ଦେଲା, ପ୍ରତିହତ କରିଦେଲା । ଏହି ଖେଳଣାଟି ଅବଶ୍ୟ ଧନ, ସମ୍ପତି, ବଡ଼ପଣିଆ ଦେଖାଇପାରିଲା, କିନ୍ତୁ ସେହି ପିଲାଟିର ସୃଜନଶୀଳତାର ବୃଦ୍ଧି ପାଇଁ ଏହା ପ୍ରତିବନ୍ଧକ ସାଜିଲା । ଖେଳଣାଟି ଆସିଲା ସିନା, କିନ୍ତୁ ଖେଳ ସରିଗଲା ଏବଂ ପିଲାର ଉନ୍ନତି ମଧ୍ୟ କେଉଁଠି ହଜିଗଲା । ତେଣୁ, ଗୁରୁଦେବ କହୁଥିଲେ ଯେ, ଖେଳଣା ଏମିତି ହେବା ଦରକାର, ଯାହା ପିଲାଙ୍କ ଶୈଶବକୁ ବାହାରକୁ ଆଣିପାରିବ, ସେମାନଙ୍କ ସୃଜନଶୀଳତାର ବିକାଶ ଘଟାଇପାରିବ । ପିଲାମାନଙ୍କ ଜୀବନର ଭିନ୍ନ ଭିନ୍ନ ଦିଗ ଉପରେ ଖେଳଣାଗୁଡ଼ିକର ଯେଉଁ ପ୍ରଭାବ ପଡ଼ିଥାଏ, ତାହା ଉପରେ ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଦୃଷ୍ଟି ଦିଆଯାଇଛି । ଖେଳୁ ଖେଳୁ ଶିଖିବା, ଖେଳଣା ଗଢ଼ା ଶିଖିବା, ଖେଳଣା ତିଆରି ହେଉଥିବା ଜାଗା ପରିଦର୍ଶନ କରିବା, ଏ ସବୁକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି ।

ବନ୍ଧୁଗଣ, ଆମ ଦେଶରେ ସ୍ଥାନୀୟ ଖେଳଣାର ଗୋଟିଏ ସମୃଦ୍ଧ ପରମ୍ପରା ରହିଛି । ଅନେକ ପ୍ରତିଭାଶାଳୀ ଏବଂ ଦକ୍ଷ କାରିଗର ଅଛନ୍ତି, ଯେଉଁମାନେ ଭଲ ଖେଳଣା ତିଆରି କରିବାରେ ସିଦ୍ଧହସ୍ତ । ଭାରତର କିଛି କ୍ଷେତ୍ର ଟୟ୍ କ୍ଲଷ୍ଟର ଅର୍ଥାତ ଖେଳଣା ତିଆରି କେନ୍ଦ୍ର ରୂପେ ବିକଶିତ ହେବାରେ ଲାଗିଛନ୍ତି । ଯେମିତିକି, କର୍ଣ୍ଣାଟକ ରାମନଗରମ୍‌ର ଚନ୍ନାପାଟଣା, ଆନ୍ଧ୍ରପ୍ରଦେଶ କୃଷ୍ଣା ଜିଲ୍ଲାର କୋଣ୍ଡାପଲ୍ଲୀ, ତାମିଲନାଡୁର ତାଂଜୋର, ଆସାମର ଧୁବ୍‌ରୀ, ଉତରପ୍ରଦେଶର ବାରାଣସୀ । ଏମିତି ଅନେକ ଜାଗା ରହିଛି । ଏକଥା ଜାଣି ଆପଣ ଆଶ୍ଚର୍ଯ୍ୟାନ୍ୱିତ ହେବେ ଯେ, ବିଶ୍ୱର ଖେଳଣା ବଜାରରେ ୭ ଲକ୍ଷ କୋଟି ଟଙ୍କାରୁ ଅଧିକର କାରବାର ହୁଏ । ୭ ଲକ୍ଷ କୋଟିର ଏତେ ବଡ଼ କାରବାର, ଅଥଚ ଭାରତର ଅଂଶ ଏଥିରେ ବହୁତ କମ ରହିଛି । ଏବେ ଆପଣ ଚିନ୍ତା କରନ୍ତୁ ତ, ଯେଉଁ ଦେଶର ଗୋଟିଏ ସମୃଦ୍ଧ ପରମ୍ପରା ରହିଛି, ଯେଉଁଠି ଏତେ ସବୁ ବିବିଧତା ଭରି ରହିଛି, ଯୁବଶକ୍ତି ରହିଛି, ଖେଳଣା ବଜାରରେ ତାର ଅଂଶ ଏତେ କମ ହେବା କ'ଣ ଆମକୁ ଶୋଭା ପାଇବ ? ନାହିଁ ଆଜ୍ଞା, ଏକଥା ଶୁଣି ଆପଣଙ୍କୁ ମଧ୍ୟ ଭଲ ଲାଗିବନି । ଦେଖନ୍ତୁ ବନ୍ଧୁଗଣ, ଖେଳଣା ଉଦ୍ୟୋଗର ଏକ ବିଶାଳ କ୍ଷେତ୍ର ରହିଛି । ଗୃହ ଉଦ୍ୟୋଗ ହେଉ, କ୍ଷୁଦ୍ର ଏବଂ ଲଘୁ ଉଦ୍ୟୋଗ ହେଉ, ଏମ.ଏସ.ଏମ.ଇ ହେଉ, ଏହାସହିତ ବଡ଼ ଉଦ୍ୟୋଗ ଏବଂ ବ୍ୟକ୍ତିଗତ ଉଦ୍ୟମୀ ମଧ୍ୟ ଏହାର ପରିସରଭୁକ୍ତ । ଏହାର ଉନ୍ନତି ପାଇଁ ସାରା ଦେଶକୁ ମିଶି ପରିଶ୍ରମ କରିବାକୁ ହେବ । ଏଇ ଯେମିତି, ଆନ୍ଧ୍ରପ୍ରଦେଶର ବିଶାଖାପଟ୍ଟନମ୍‌ର ଶ୍ରୀମାନ ସି.ବି. ରାଜୁ । ଏକଦା ତାଙ୍କ ଗାଁର ଏତି-କୋପକ୍କା ଖେଳଣା ଖୁବ ଚାଲୁଥିଲା । ଏହାର ବିଶେଷତ୍ୱ ଏହାଥିଲା ଯେ, ଏହା କାଠରେ ତିଆରି ହେଉଥିଲା । ଆଉ ଅନ୍ୟ ଏକ ବିଶେଷତ୍ୱ ଥିଲା ଯେ ଏଥିରେ କୌଣସି ପ୍ରକାର କୋଣ ବା ଧାର ରହୁ ନଥିଲା । ସବୁଆଡୁ ଏହା ଗୋଲାକାର ଥିଲା । ତେଣୁ ଛୋଟ ପିଲାଙ୍କୁ ଏହାଦ୍ୱାରା କୌଣସି ପ୍ରକାର ଶାରୀରିକ କ୍ଷତି ହେବାର ସମ୍ଭାବନା ରହୁ ନ ଥିଲା । ସି.ବି. ରାଜୁ ଏତି-କୋପ୍ପକା ଖେଳଣା ପାଇଁ ନିଜ ଗାଁର କାରିଗରମାନଙ୍କ ସହ ମିଶି ଗୋଟିଏ ନୂଆ ଅଭିଯାନ ଆରମ୍ଭ କରିଛନ୍ତି । ଉନ୍ନତ ମାନର ଏତି-କୋପ୍ପକା ଖେଳଣା ତିଆରି କରି ସି.ବି. ରାଜୁ ନିଜ ଅଂଚଳର ବିଲୁପ୍ତ ଗୌରବକୁ ଫେରାଇ ଆଣିଛନ୍ତି । ଖେଳଣା ଦ୍ୱାରା ଆମେ ଦୁଇଟି କାମ କରିପାରିବା – ଆମ ଗୌରବପୂର୍ଣ୍ଣ ଅତୀତକୁ ନିଜ ଜୀବନକୁ ଫେ'ରାଇ ଆଣିପାରିବା ଏବଂ ନିଜ ପାଇଁ ସୁନେଲି ଭବିଷ୍ୟତଟିଏ ମଧ୍ୟ ଗଢ଼ିପାରିବା । ମୁଁ ଆମର ଷ୍ଟାର୍ଟ-ଅପ୍ ବନ୍ଧୁମାନଙ୍କୁ, ଆମର ନୂଆ ଉଦ୍ୟୋଗୀମାନଙ୍କୁ କହିବାକୁ ଚାହୁଁଛି – ଟିମ୍ ଅପ୍ 'ର୍ ଟଏଜ୍ ... ଆସନ୍ତୁ ମିଳିମିଶି ଖେଳଣା ତିଆରି କରିବା । ଏବେ ଆମେ ସମସ୍ତେ ଲୋକାଲ୍ ଖେଳଣା ପାଇଁ ଭୋକାଲ୍ ହେବାର ସମୟ ଆସିଛି । ଆସନ୍ତୁ, ଆମେ ଆମର ଯୁବବନ୍ଧୁମାନଙ୍କ ପାଇଁ କିଛି ନୂତନ ଧରଣର, ଉନ୍ନତ ମାନର ଖେଳଣା ତିଆରି କରିବା । ଖେଳଣା ଏମିତି ହେଉ ଯାହାଦ୍ୱାରା ଶୈଶବ ଫୁଟିଉଠୁ, ହସିଉଠୁ । ଆମେ ଏଭଳି ଖେଳଣା ତିଆରି କରିବା ଯାହା ପରିବେଶ ଅନୁକୂଳ ମଧ୍ୟ ହୋଇଥିବ ।

ବନ୍ଧୁଗଣ, ବର୍ତମାନ କମ୍ପ୍ୟୁଟର ଓ ସ୍ମାର୍ଟଫୋନ ଯୁଗରେ କମ୍ପ୍ୟୁଟର ଗେମ୍ସ ମଧ୍ୟ ବହୁଳ ଭାବେ ପ୍ରଚଳିତ ହେଉଛି । ଏଗୁଡ଼ିକ ପିଲାମାନେ ଓ ବଡ଼ମାନେ ମଧ୍ୟ ଖେଳୁଛନ୍ତି । କିନ୍ତୁ, ଏସବୁ ପଛରେ ଯାହା ଥିମ୍ ରହୁଛି, ସେସବୁ ଅଧିକାଂଶ ବିଦେଶୀ । ଆମ ଦେଶରେ ଏତେ ନୂଆ ନୂଆ ଚିନ୍ତାଧାରା ରହିଛି, (ଏତେ ଆଇଡିଆ ରହିଛି, ଏତେ କନସେପ୍ଟ ରହିଛି) ଆମ ଦେଶର ଇତିହାସ ମଧ୍ୟ ଖୁବ ସମୃଦ୍ଧ । ସେସବୁକୁ ନେଇ ଆମେ ଖେଳ ପ୍ରସ୍ତୁତ କରିପାରିବା କି ? ଦେଶର ଯୁବ ପ୍ରତିଭାଶାଳୀମାନଙ୍କୁ ମୁଁ ଆମ ଦେଶରେ ଏବଂ ଆମ ଦେଶକୁ ନେଇ ଖେଳ ପ୍ରସ୍ତୁତ କରିବାକୁ ଆହ୍ୱାନ ଜଣାଉଛି । କଥାରେ ମଧ୍ୟ ଅଛି – ଲେଟ୍ ଦି ଗେମ୍ ବିଗିନ୍ – ତାହେଲେ ଆସନ୍ତୁ, ଖେଳ ଆରମ୍ଭ କରିବା !!

(ଷଷ୍ଠ ପୃଷ୍ଠା ଦେଖନ୍ତୁ)

# ବ୍ରାହ୍ମଣୀ ଗାଁରେ ବିଦ୍ୟୁତ ସଂଯୋଗ ପାଇଁ ଟଙ୍କା ଆଦାୟ ଅଭିଯୋଗ



ଖପ୍ରାଖୋଲ, (ନିପ୍ର) : ସରକାର ସମସ୍ତଙ୍କ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ଘୋଷଣା କରିଥିବା ବେଳେ ଦୀନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ମାଗଣା ବିଦ୍ୟୁତ ସଂଯୋଗ କରାଯାଉଛି । ଏହି ଯୋଜନା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଥିବା ବେଳେ ସବୁ ଗାଁକୁ ଏପରିକି ସବୁ ଘରକୁ ବିଦ୍ୟୁତ ସଂଯୋଗ କରାଯାଉଛି । ହେଲେ ବିଦ୍ୟୁତ ସଂଯୋଗ ନାଁରେ ନିରୀହ ସରଳ ଗ୍ରାମବାସୀଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ ପାଦ ଦେଶରେ ଥିବା ଭାନପୁର ପଂଚାୟତ ବ୍ରାହ୍ମଣୀ ଗାଁରେ ବିଦ୍ୟୁତ ସଂଯୋଗ ବେଳେ ସଂଯୋଗ ପାଇଁ ଆସିଥିବା କର୍ମଚାରୀମାନେ ଘର ପ୍ରତି ୫ ଶହ ଟଙ୍କା ଲେଖାଏଁ ଆଦାୟ କରିଥିବା ବେଳେ ସଂଯୋଗର ୬ ମାସ ପରେ ବି ଅନେକଙ୍କ ଘରକୁ ଏ ଯାଏଁ ବିଦ୍ୟୁତ ସଂଯୋଗ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଗାଁର କୁନ୍ତି ଭୁଏ, କଳାବତୀ କୁଅଁର, ସପୁର ବରିହା, କଏଁରୀ ଭୁଏ ପ୍ରମୁଖ ଅଭିଯୋଗ କରିଛନ୍ତି । ଉପାନ୍ତ ଗାଁ ହୋଇଥିବାରୁ କେତେକ ଅସାଧୁ କର୍ମଚାରୀ ଏଭଳି ନିରୀହ ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିବାବେଳେ ପାଖ ଗାଁମାନଙ୍କରେ ମଧ୍ୟ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି । ଏ ନେଇ ଖପ୍ରାଖୋଲ ବିଦ୍ୟୁତ ବିଭାଗ ସେକସନ୍ ଅଫିସର ପବିତ୍ର ମୋହନ ପଧାନଙ୍କୁ ପଚାରିବାରୁ ବିଦ୍ୟୁତ ସଂଯୋଗ କାମ ଠିକାଦାର କରାଉଥିବାରୁ ଏବଂ ସଂଯୋଗ ପରେ ତାଙ୍କ ଦାୟିତ୍ୱ ଆସିଥାଏ । ଟଙ୍କା ଆଦାୟ ସଂମ୍ପର୍କରେ ମୋ ପାଖରେ ସୂଚନା ନାହିଁ, ଅନୁସନ୍ଧାନ ପରେ କ'ଣ ହୋଇଛି ଜଣାପଡିବ ଏବଂ ଅଭିଯୋଗ ସତ ହୋଇଥିଲେ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ।

# ଭାଲୁ ଆକ୍ରମଣରେ ଯୁବକ ଆହତ




ବଲାଙ୍ଗିର,(ନିପ୍ର) : ବଲାଙ୍ଗିର ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମ ପଂଚାୟତ ନିକଟସ୍ଥ ସାଲେପାଲି ଗ୍ରାମର ନରେନ୍ଦ୍ର ପଧାନ ନାମକ ୨୦ ବର୍ଷୀୟ ଯୁବକଙ୍କୁ ଗାଇ ଚରାଇ ଯାଇଥିବା ବେଳେ ପୂର୍ବାହ୍ନ ୧୧ଟା ସମୟରେ ଭାଲୁ ଆକ୍ରମଣ କରିଛି । ଭାଲୁ ତାଙ୍କୁ ବାରମ୍ବାର ଆକ୍ରମଣ କରିବା ପରେ ଜୀବନ ବଂଚାଇ ଗାଁ ଭିତରକୁ ଦୌଡିଥିଲେ । ତାପରେ ତାଙ୍କୁ ଗାଁ ଲୋକେ ଉଦ୍ଧାର କରି ସ୍ଥାନୀୟ ଭୀମଭୋଇ ମେଡିକାଲ ହସପିଟାଲରେ ଭର୍ତ୍ତି କରିଛନ୍ତି । ଏବେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ତାଙ୍କର ଶରୀରର ମୁହଁରୁ ପାଦ ପର୍ଯ୍ୟନ୍ତ ଏମିତିକି ଛାତି ପେଟରେ ମଧ ଭାଲୁର ଦାନ୍ତ ନଖ ଚିହ୍ନ ଦେଖିବାକୁ ମିଳିଥିଲା । ସେ ଜଣେ ଗରିବ ଘରର ପୁଅ ହୋଇଥିବାରୁ ତାଙ୍କୁ ସରକାରଙ୍କ ତରଫରୁ କିଛି ଆର୍ଥିକ ସହଯୋଗ କରିବାକୁ ତାଙ୍କ ଘରଲୋକେ ଦାବୀ କରିଛନ୍ତି ।

# ଦେଓଗାଁ : ୫୦ ଲକ୍ଷ ଟଙ୍କାର ମିନି ଷ୍ଟାଡିୟମରେ ପଡିନି ବଲ କି ହୋଇନି ପ୍ରତିଯୋଗିତା : ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବୀ



ଦେଓଗାଁ, (ନିପ୍ର) : ଦେଓଗାଁରେ ରହିଛି ଦୁଇ ଦୁଇଟି ଖେଳ ପଡିଆ । ଦେଓଗାଁ ବାଳିକା ହାଇସ୍କୁଲ ପଛପଟେ ଅଛି ନେହେରୁ ଖେଳ ପଡିଆ ଓ ଅନ୍ୟଟି କଲେଜ୍ ପଛପଟେ ରହିଛି ୧୧ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ମିନି ଷ୍ଟାଡିୟମ । ହେଲେ ବାଳିକା ହାଇସ୍କୁଲ ପଛପଟେ ଥିବା ନେହେରୁ ପଡ଼ିଆରେ ସମସ୍ତେ କରୁଛନ୍ତି କ୍ରୀଡ଼ାର ଅଭ୍ୟାସ । ଦେଓଗାଁର ଯୁବକମାନେ ବିଭିନ୍ନ ସମୟରେ ପୋଲିସ ଫୋର୍ସ, ସିଆର୍‌ପିଏଫ୍ ପାଇଁ ଇଂଟରଭ୍ୟୁ ଦେବା ସହ ଶରୀରକୁ ସୁସ୍ଥ ରଖିବାକୁ ଦୌଡାଦୌଡି ପାଇଁ ଏ ନେହେରୁ ପଡିଆ ଉପଯୁକ୍ତ ନୁହେଁ । ହେଲେ ଏହି ପଡିଆଟି ବ୍ୟକ୍ତିଗତ ମାଲିକାନାରେ ଥିବା ଯୋଗୁଁ ଉନ୍ନତି ପାଇଁ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ପାରୁନାହିଁ । ନବନିର୍ମିତ ମିନି ଷ୍ଟାଡିୟମରେ ସରକାରୀ ଅନୁଦାନରୁ ଖର୍ଚ୍ଚ କରାଯାଇଛି ୫୦ ଲକ୍ଷରୁ ଅଧିକ ଟଙ୍କା । ହେଲେ କାମ ନିମ୍ନମାନର ହୋଇଥିବାରୁ ଏଠାରେ ଆନୁଷ୍ଠାନିକ ଭାବେ କୌଣସି ମ୍ୟାଚ୍ ଖେଳା ଯାଇନାହିଁ ଆଜି ପର୍ଯ୍ୟନ୍ତ । ଷ୍ଟାଡିୟମରେ ହୋଇଛି କେବଳ ବାଡ ଓ ଗ୍ୟାଲେରୀ କାମ । ସେହି ବାଡ଼ ଓ ଗ୍ୟାଲେରୀ ମଧ ନିମ୍ନମାନର । ତେବେ ଏତେ ପରିମାଣର ଅନୁଦାନ ଖର୍ଚ୍ଚ ଅଂଚଳର କ୍ରୀଡା ଉନ୍ନତି ପାଇଁ ନା ଠିକାଦାର ପୋଷା ପାଇଁ ବୋଲି ଅଂଚଳର କ୍ରୀଡ଼ାପ୍ରେମୀ ମହଲରେ ଆଲୋଚନା ହେଉଛି । ଯାହାଦ୍ୱାରା ଶିକ୍ଷାନୁଷ୍ଠାନ ଅର୍ଥାତ୍ ଉଚ୍ଚ ବିଦ୍ୟାଳୟକୁ ଆସୁଥିବା ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତାଗୁଡ଼ିକ ମଧ ଅନ୍ୟ ବିଦ୍ୟାଳୟରେ କରିବାକୁ ବାଧ ହେଉଛନ୍ତି । ଦେଓଗାଁ ବ୍ଲକରେ ସରକାରୀ ଓ ବେସରକାରୀ ଭାବେ ପ୍ରତିବର୍ଷ ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ଫୁଟବଲ, କ୍ରିକେଟ୍, ଶିକ୍ଷାନୁଷ୍ଠାନ ପକ୍ଷରୁ କ୍ରୀଡା ପ୍ରତିଯୋଗିତା ସହ ଆଂଚଳିକ କ୍ରୀଡ଼ାର ବିକାଶ କରିବା ସହ ଅଂଚଳର ଯୁବ ଗୋଷ୍ଠୀ ସୁସ୍ଥ ରହିବା ସଂଗେ ସଂଗେ ବିଭିନ୍ନ ଚାକିରୀରେ ଲଗାଇ ପାରିବେ, ତାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା ଏହି ମିନି ଷ୍ଟାଡିୟମ୍ । ଷ୍ଟାଡିୟମ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆସିଥିଲା ୫୦ଲକ୍ଷରୁ ଅଧିକ ଟଙ୍କା । ଏଥିରେ କେତେ ଟଙ୍କାର କାମ ହୋଇଛି ଓ କେତେ ଟଙ୍କା ଠିକାଦାରର ପେଟ ପୋଷିବା ପାଇଁ ଯାଇଛି, ତାକୁ ତଦନ୍ତ କରିବାକୁ ଦାବୀ ହେଉଛି ।

ଏହି ଷ୍ଟାଡିୟମର ଉନ୍ନତିକରଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୮ଲକ୍ଷ ଟଙ୍କା ଗ୍ୟାଲେରୀ ନିର୍ମାଣ କରାଯାଇଥିଲା । ହେଲେ ଏ ପଡ଼ିଆର କୌଣସି ଭାବ ଢଙ୍ଗ ନ ଥିବାରୁ ଏପର୍ଯ୍ୟନ୍ତ ଗୋଟେ ମଧ ପ୍ରତିଯୋଗିତା ହୋଇନାହିଁ । ପ୍ରସ୍ତୁତ ସରିଥିବା ଗ୍ୟାଲେରୀରେ ଦୀର୍ଘ ଦିନରୁ ଫାଟ ସୃଷ୍ଟି ହେଲାଣି, ଯାହା ଫଳରେ ଗ୍ୟାଲେରୀ ମଧ ନିମ୍ନମାନର କାମ ହୋଇଥିବା ଜଣାପଡୁଛି । ଗ୍ୟାଲେରୀ ଫାଟି ଆଁ କରିଛି । ଷ୍ଟାଡିୟମ୍ ଭିତରେ ୫ଲକ୍ଷ ଟଙ୍କାର ଏକ ଡ୍ରେସିଂ ରୁମ୍ ମଧ ତିଆରି କରାଯାଇଛି, ହେଲେ ଏ କୋଠକୁ ପ୍ଲାଷ୍ଟର ମଧ କରାଯାଇନାହିଁ । ଏହି କୋଠା ନିର୍ମାଣର କାର୍ଯ୍ୟାରମ୍ଭ ଓ କାର୍ଯ୍ୟଶେଷ ତାରିଖ ମଧ ଲେଖାଯାଇନାହିଁ । ଯାହାଫଳରେ ନିମ୍ନମାନର କାମ ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି । କୋଠାରେ କବାଟ ମଧ ଲଗା ଯାଇନଥିବାରୁ ମଦ ଆଡ୍‌ଡ଼ା ଭାବେ ଏହା ବ୍ୟବହାର ହେଉଛି । ଏ କୋଠା ପାଖରେ ଅଛି ଗୋଟେ ନଳକୂପ ରହିଛି । କୌଣସି ମ୍ୟାଚ୍ ବା ଟୁର୍ଣ୍ଣାମେଣ୍ଟ ହେଉନଥିବାରୁ ଏହା ସାଧାରଣ ଲୋକଙ୍କ କାମରେ ଲାଗୁଛି । କିଛି ଲୋକେ ସେଠାକୁ ଯାଇ ଶୌଚ୍ ହେବା ସହ ଗାଧୋଉଥିବା ମଧ ନଜରରେ ରହିଛି ।

ସୂଚନଯୋଗ୍ୟ ଯେ, ଗତ ୧୧ବର୍ଷ ପୂର୍ବେ ଦେଓଗାଁ କଲେଜ୍ ପଛ ପଟେ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ହୋଇଥିଲା ଭିତ୍ତିପ୍ରସ୍ତର ସ୍ଥାପନ । ଷ୍ଟାଡିୟମ୍ କାମ ସରିଛି, ହେଲେ ଏ ପର୍ଯ୍ୟନ୍ତ ଖେଳାଯାଇନି ଗୋଟିଏ ବି ପ୍ରତିଯୋଗିତା । ପ୍ରତିବର୍ଷ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଯେ କୌଣସି ଖେଳ ପ୍ରତିଯୋଗିତା ହେଲେ ଏତେ ଟଙ୍କାରେ ନିର୍ମାଣାଧୀନ ଷ୍ଟାଡିୟମରେ ନ ହୋଇ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ପୁରୁଣା ନେହେରୁ ପଡ଼ିଆରେ ଆୟୋଜନ କରିଥାନ୍ତି । ଯାହା ଫଳରେ ପ୍ରକୃତରେ କ୍ରୀଡ଼ାପ୍ରେମୀ ପାଇଁ ନା ଠିକାଦାର ପୋଷା ପାଇଁ ଏ ଷ୍ଟାଡିୟମ୍ ନିର୍ମାଣ ବୋଲି ଅଂଚଳରେ ଆଲୋଚନା ହେଉଛି । ଏହି ଷ୍ଟାଡିୟମଟି କେଉଁ ଖେଳ ଖେଳାଯିବା ପାଇଁ ପ୍ରସ୍ତୁତ କରାଯାଇଛି ତାହା କେହି ବି ଜାଣି ନାହାନ୍ତି । ଫୁଟବଲ, କ୍ରିକେଟ୍ ଖେଳିବାର ପଡିଆ ପରି ନାହିଁ ଏହି ଖେଳ ପଡିଆର ଆକୃତି । ପଡ଼ିଆରେ ଘାସ ଆଣ୍ଠୁଏ ଲେଖାଏଁ ହୋଇଯାଇଛି । ଏହି ମିନି ଷ୍ଟାଡିୟମକୁ ଯିବାକୁ ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା । ଏବେ ଏହି ରାସ୍ତାରେ କୌଣସି ଗାଡି ମଟର ଯିବା ଆସିବା କରୁ ନ ଥିଲେ ହେଁ ଏ ରାସ୍ତା ଶୋଚନୀୟ ଅବସ୍ଥାରେ ପଡିଛି । କରାଯାଇଥିବା କଂକ୍ରିଟ କାମ ବର୍ଷାରେ ଧୋଇ ଯାଇଥିବା ଦେଖିବାକୁ ମିଳିଥିଲା ।

# ଗଛକୁ ଗଣେଶ ଭାବେ ସଜେଇ ପୂଜାକଲେ ସିହିନୀବାସୀ



ଟିଟିଲାଗଡ଼, (ନିପ୍ର) : ସାରା ଦେଶରେ କରୋନା ସଂକ୍ରମଣ ଯୋଗୁଁ କଟକଣା ବଳବତ୍ତର ରହିଥିବା ବେଳେ ସାର୍ବଜନୀନ ପୂଜନ ମହୋତ୍ସବ ବି ବନ୍ଦ କରାଯାଇଛି । ଏହି ପରିପ୍ରେକ୍ଷୀରେ ନିକଟସ୍ଥ ସିହିନୀ ଗ୍ରାମର ଜନସାଧାରଣ ନିଆରା ଢଙ୍ଗରେ ଗଣେଶ ପାଳନ କରିଛନ୍ତି । ଗୋଟିଏ ଗଛକୁ ଗଣେଶ ଭାବେ ସଜେଇ ପୂଜା କରିଛନ୍ତି ଗ୍ରାମବାସୀ । ତାଙ୍କର ଏଭଳି ପଦକ୍ଷେପରେ ଆଖପାଖ ଅଂଚଳର ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି ।







## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**୰କବିତା ଯୁଆଡି(ଭୁଏ)**
(ୱାର୍ଡମେମ୍ବର)
**ଏମ୍.ଶ୍ରୀଗିଡା, ବିଜେପୁର, ବରଗଡ଼**
ଆବିର୍ଭାବ-୧୮-୦୭-୧୯୯୪
ତିରୋଧାନ-୨୪-୦୮-୨୦୨୦

ଏତେ କମ୍ ବୟସରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲୁ ଆରପାରିକୁ । ତୋର ଅନୁପସ୍ଥିତି ଆମ୍ଭମାନଙ୍କୁ ପ୍ରତିମୁହୂର୍ତ୍ତରେ ମର୍ମାହତ କରୁଛି । ତୋର ଅମର୍ ଆତ୍ମାର ସଦଗତି ନିମନ୍ତେ ମାଁ ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛୁଁ ।



ଶୋକ ସନ୍ତପ୍ତ ପରିବାର
ସ୍ୱାମୀ, ମା'ବାପା, ଶାଶୁ, ଶ୍ୱଶୁର, ଝିଅ ଖୁସି,
ବଡ଼ ଭାଇ ପୁସ୍ତମ, ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବ ।

## 'ଡେଜିନ୍' ପତ୍ରିକାରେ ସ୍ଥାନ ପାଇଲା ଓଡ଼ିଶା କୃଷି ଭବନ



ଭୁବନେଶ୍ୱର, (ନିପ୍ର) : ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଥିବା ପତ୍ରିକା 'ଡେଜିନ୍'ରେ ସ୍ଥାନ ପାଇଛି ଓଡ଼ିଶା କୃଷି ଭବନ । ସମ୍ବଲପୁରୀ ଶାଢ଼ି ଡିଜାଇନ୍‌ରେ ନିର୍ମିତ ହୋଇଥିବା କୃଷି ଭବନର ଆକର୍ଷଣୀୟ ଦୃଶ୍ୟ ସାରା ବିଶ୍ୱରେ ଚମକ ସୃଷ୍ଟି କରିଛି । ରାଜ୍ୟର ଏହା ପ୍ରଥମ ବିଲଡ଼ିଂ ଯାହା ବିଶ୍ୱସ୍ତରୀୟ ଡେଜିନ୍‌ରେ ସ୍ଥାନ ପାଇ ପାରିଛି ।

## ହୀରାକୁଦସ୍ଥିତ ହିଣ୍ଡାଲକୋରୁ ନିଶୃତ ଫ୍‌ଲୋରାଇଡ୍ ଗ୍ୟାସ୍ ନିକଟସ୍ଥ ଶହ ଶହ ଏକର ଚାଷକୁ ଜାଳି ଦେଉଛି !



ସମ୍ବଲପୁର, (ନିପ୍ର) : ହୀରାକୁଦସ୍ଥିତ ହିଣ୍ଡାଲକୋରୁ ନିଶୃତ ଫ୍ଲୋରାଇଡ୍ ଗ୍ୟାସ୍ ନିକଟସ୍ଥ ୨୫୦ ଏକର ଚାଷକୁ ଜାଳି ଦେଉଥିବା ଅଭିଯୋଗ ହେଉଛି । ଏହା କେବଳ ଏଇ ବର୍ଷର ସମସ୍ୟା ନୁହେଁ, ୨୦୦୩ ରୁ ପ୍ରତିବର୍ଷର ଘଟଣା । ଏନ୍‌ଜିଟି.ର ସ୍ପଷ୍ଟ ନିର୍ଦ୍ଦେଶ କଂପାନୀ ଶୁଣୁନାହିଁ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ସର୍ଭେ ପାଇଁ ଆସିଥିବା ଟିମକୁ ପ୍ରଶ୍ନ କରିଥିଲେ । ପ୍ରତି ବର୍ଷ ସର୍ଭେ ହେଉଛି, ରିପୋର୍ଟ ଯାଉଛି, ମାତ୍ର ଫଳ କିଛି ନାହିଁ ବୋଲି ଚାଷୀମାନେ ପ୍ରବଳ ପାଟି ତୁଣ୍ଡ କରିଥିଲେ । ସୂଚ୍‌ନାଯୋଗ୍ୟ ଯେ, ହିଣ୍ଡାଲକୋ ନିକଟସ୍ଥ ଡେଙ୍ଗିମଚା, ଗୁଣ୍ଡୁରୁପଡା, ନୂଆ ଗୁଜାତର, ସାଁପଲହରା, ନୂଆଜାମାଡାର ୨୫୦ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ନେଇ ସର୍ଭେ ଚାଲିଛି । ଟିମରେ ଓ୍ୱାଏଟି, ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ, ରାଜସ୍ୱ ଓ କୃଷି ବିଭାଗର ଉଚ୍ଚସ୍ତରୀୟ ପ୍ରତିନିଧି ଅଛନ୍ତି । ଅପରପକ୍ଷରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଘଟଣାସ୍ଥଳରେ ପହଂଚି କ୍ଷତଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ଏନ୍‌ଜିଟି.ର ନିର୍ଦ୍ଦେଶ ସତ୍ତ୍ୱେ ହିଣ୍ଡାଲକୋର ଆଚରଣ ବଦଳି ନ ଥିବାରୁ ପରିସ୍ଥିତି ପାଇଁ କମ୍ପାନୀ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି ।

## ଶିକ୍ଷୟତ୍ରୀ ନିରଦପ୍ରଭା ପାଢ଼ୀଙ୍କୁ ଶ୍ରଦ୍ଧା ସୁମନ



ବଲାଙ୍ଗିର, (ନିପ୍ର) : ୩୦ ତାରିଖ ଦିନ ଦଶାହ ଉପଲକ୍ଷେ ସ୍ଥାନୀୟ ପେଲେସ୍ ଲାଇନ୍‌ର ନିରଦପ୍ରଭା ପାଢ଼ୀଙ୍କୁ ଶ୍ରଦ୍ଧା ସୁମନ ପ୍ରଦାନ କରାଯାଇଛି । ଏହି ଅବସରରେ ତାଙ୍କ ସ୍ୱାମୀ ଶରଦିନ୍ଦୁ ଭୂଷଣ ହୋତା ଏବଂ ତାଙ୍କ ପରିବାର ବର୍ଗ ତଥା 'କୋଶଳ ପ୍ରବାହ' ପରିବାର ପକ୍ଷରୁ ଶ୍ରଦ୍ଧାଂଜଳି ଦିଆଯାଇଥିବା ବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି । ୨୧ ଫେବୃୟାରୀ ୧୯୬୧ରେ ଜନ୍ମ ଗ୍ରହଣ କରିଥିବା ନିରଦପ୍ରଭା ଦେବୀ ଜଣେ ନିଷ୍ଠାପର ଶିକ୍ଷୟତ୍ରୀ ଭାବେ ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ଜଣେ ଶ୍ରଦ୍ଧାମୟୀ ତଥା ଧର୍ମପରାୟଣା ମହିଳା ଭାବେ ସାରା ସହରରେ ଘରେ ଘରେ ସେ ପରିଚିତ ଥିଲେ ।

ଦୀର୍ଘ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଆପୋଲୋ ହସ୍‌ପିଟାଲ୍‌ରେ ତାଙ୍କ ଚିକିତ୍ସା ଚାଲିଥିଲା । ତେବେ ତାଙ୍କ ସ୍ୱାମୀ ଶ୍ରୀ ହୋତା ତଥା ତାଙ୍କ କନ୍ୟାଦ୍ୱୟଙ୍କ ଅକ୍ଳାନ୍ତ ଚେଷ୍ଟା ପରେ ମଧ୍ୟ ସେ ସଂପୂର୍ଣ୍ଣ ଆରୋଗ୍ୟ ହୋଇ ପାରିନଥିଲେ । ଶେଷରେ କିଡନୀ ରୋଗରେ ହିଁ ଗତ ୨୧ ଅଗଷ୍ଟ ୨୦୨୦ରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପ୍ରାଣହାନୀ ଘଟିଛି । ଦଶାହ ଉପଲକ୍ଷେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।


## ପ୍ରଗତି ପଥେ ଫୁଲବାଣୀ ପୌର ପରିଷଦ, ଫୁଲବାଣୀ

ପୌର ପରିଷଦ, ଫୁଲବାଣୀ ସହରର ସମସ୍ତ ଜନସାଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୦ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା ସହିତ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ବିନମ୍ର ନିବେଦନ । ସ୍ୱଚ୍ଛ ସହର ଗଠନ ପରିପ୍ରେକ୍ଷୀରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ ।

- ✠ ପୌର ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି, କୋଭିଡ୍-୧୯ ନିୟମକୁ ପାଳନ କରନ୍ତୁ ଓ ଅତ୍ୟାବଶ୍ୟକ ନ ହେଲେ ବାହାରେ ଯାତାୟାତ କରନ୍ତୁ ନାହିଁ । ମାସ୍କ ବ୍ୟବହାର କରନ୍ତୁ ଓ ସାମାଜିକ ଦୂରତା ବଜାୟ ରଖନ୍ତୁ ।
- ✠ ପରିଷଦର ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ✠ ରାସ୍ତା କଡ଼ ବା ନାଳ ଉପରେ ଉଠା କ୍ୟାବିନ ପକାଇ ରାସ୍ତା ଅବରୋଧରୁ ନିବୃତ ରୁହନ୍ତୁ ।
- ✠ ପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ଼, ହୋର୍ଡ଼ିଙ୍ଗ ଲଗାଇବା ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ।
- ✠ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ୱା ତୋରଣ ନିର୍ମାଣ କରନ୍ତୁ ନାହିଁ ।
- ✠ ରାସ୍ତା ଉପରେ ବାଲି, ମାଟି ଜମା କରି ରାସ୍ତା ଅବରୋଧ କିମ୍ୱା ରାସ୍ତା ଓ ନାଳର କ୍ଷତି କରନ୍ତୁ ନାହିଁ ।
- ✠ ରାସ୍ତା ମଧ୍ୟକୁ ଗାଈଗୋରୁ ଛାଡ଼ନ୍ତୁ ନାହିଁ ।
- ✠ ମଇଳା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ନିର୍ମିତ ଡଷ୍ଟବିନ ବ୍ୟବହାର କରନ୍ତୁ ।
- ✠ ସହରର ପାଣି କଳ (ଷ୍ଟାଣ୍ଡ ପୋଷ୍ଟ) ଗୁଡ଼ିକର ଅପବ୍ୟବହାର କରନ୍ତୁ ନାହିଁ ।
- ✠ ପରିଷଦର ଟିକସ ସ ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସେବା ଟିକସ ଠିକ୍ ସମୟରେ ପରିଷଦରେ ଦାଖଲ କରନ୍ତୁ ।

**ଡା. ବୃନ୍ଦା ଡି, ଭା.ପ୍ର.ସେ.**
ଜିଲ୍ଲାପାଳ, କନ୍ଧମାଳ ତଥା ପ୍ରଶାସକ
ପୌର ପରିଷଦ, ଫୁଲବାଣୀ

**ଶ୍ରୀ ବଳଦେବ ବେହେରା, ଓ.ରା.ସେ.**
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଫୁଲବାଣୀ



## ରାଉରକେଲାବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୦ର ଶୁଭେଚ୍ଛା

**ରାଉରକେଲା ମହାନଗର ନିଗମ ଆପଣଙ୍କ ସେବାରେ**

**କୋଭିଡ଼୍‌ଜନିତ ସ୍ଥିତିର ସଫଳ ମୁକାବିଲା ଦିଗରେ ରାଉରକେଲା ମହାନଗର ନିଗମର ବିବିଧ ପଦକ୍ଷେପ -**

୧) ପ୍ରତିଟି ଅଞ୍ଚଳରେ କୋଭିଡ଼୍ ପରିଚାଳନା କମିଟି ଗଠନ
୨) ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥା ପରୀକ୍ଷଣ ପ୍ରତି ଅଧିକ ଗୁରୁତ୍ୱ
(ହେଲପ୍‌ଲାଇନ ନଂ.୭୬୫୫୦୦୨୨୫୯)
୩) ଏକାନ୍ତବାସରେ ରହୁଥିବା ପଜିଟିଭ୍ ରୋଗୀଙ୍କ ନିମନ୍ତେ ନିୟମିତ ପରାମର୍ଶ
(ହେଲପ୍‌ଲାଇନ ନଂ.୭୮୪୭୦୫୪୧୬୫)
୪) କୋଭିଡ଼୍ କେୟାର ସେଣ୍ଟରମାନଙ୍କରେ ପର୍ଯ୍ୟାପ୍ତ ସଂଖ୍ୟକ ଶଯ୍ୟା ବ୍ୟବସ୍ଥା
୫) କୋଭିଡ଼୍ ଗୃହ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ସ୍ୱତନ୍ତ୍ର ପଞ୍ଜିକରଣ କେନ୍ଦ୍ର ମାଧ୍ୟମରେ କୋଭିଡ଼୍ ମୁକାବିଲା ନିମନ୍ତେ ସ୍ୱତନ୍ତ୍ର ରଣନୀତି
୬) ପ୍ରତିଟି ଅଂଚଳରେ ବ୍ୟାପକ ଟେଷ୍ଟିଂ ଏବଂ ପଜିଟିଭ୍ ରୋଗୀଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ

**କୋଭିଡ ସମ୍ପର୍କିତ ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ - ସୁରକ୍ଷିତ ରୁହନ୍ତୁ, ତେବେ ଯାଇ କରୋନା ହାରିବ ରାଉରକେଲା ଜିତିବ ।**

ସ୍ୱା/-
ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଆସ ରାଉରକେଲା ଏକ ହେବା - ମିଳିମିଶି କରୋନାକୁ ହରାଇବା**

ରାଉରକେଲା ମହାନଗର ନିଗମ, ରାଉରକେଲା



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼, ଜି. ନୂଆପଡ଼ା

ସ୍ୱାୟତ୍ତ ଶାସନ ଦିବସ-୨୦୨୦ ଉପଲକ୍ଷେ ସମସ୍ତ ସହରବାସୀଙ୍କୁ ନିବେଦନ କରୁଛୁ କି,
୧) ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ବୃକ୍ଷରୋପଣ କରନ୍ତୁ ।
୨) ରାସ୍ତା ଉପରେ ଘର ନିର୍ମାଣ ଯଥା - ବାଲି, ଇଟା, ପଥର ଓ ଗୋଡ଼ି ଇତ୍ୟାଦି ପକାଇ ରଖନ୍ତୁ ନାହିଁ ।
୩) ନିଜର ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
୪) ଗୃହର ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ବା ନାଳିରେ ନ ପକାଇ ପରିଷଦର ଆବର୍ଜନା କୁଣ୍ଡରେ ପକାନ୍ତୁ ।
୫) ପରିଷଦର ଦେୟ ଠିକ୍ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟର ହାତ ବଢ଼ାନ୍ତୁ ।
୬) ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହ ନବୀକରଣ କରନ୍ତୁ ନାହିଁ ।
୭) କରୋନା ମହାମାରୀକୁ ରୋକିବା ପାଇଁ ମାସ୍କ ବ୍ୟବହାର କରନ୍ତୁ, ହାତ ଗୋଡ଼ ସାବୁନରେ ଧୁଅନ୍ତୁ । ସାମାଜିକ ଦୂରତା ପାଳନ କରନ୍ତୁ । ଥଣ୍ଡା, କାଶ, ଛିଙ୍କ, ଜ୍ୱର ଲାଗି ରହୁଥିଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯାଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ କରି ନିଅନ୍ତୁ ।

**ଆସନ୍ତୁ, ମିଳିମିଶି ସଂକଳ୍ପ ନେବା ଆମ ସହରକୁ କରୋନାରୁ ଦୂରେଇ ରଖିବା ।**

**ଶ୍ରୀଯୁକ୍ତ କର୍ଣ୍ଣ ସୁନା (ଓ.ରା.ସେ)**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

**ଶ୍ରୀଯୁକ୍ତ ତରଣୀସେନ ନାଏକ, ଓ.ପ୍ର.ସେ.(ବରିଷ୍ଠ)**
ଉପ-ଜିଲ୍ଲାପାଳ, ନୂଆପଡ଼ା ତଥା
ପ୍ରଶାସକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ବନ୍ଧୁଗଣ, ଆତ୍ମନିର୍ଭର ଭାରତ ଅଭିଯାନରେ ଭର୍ଚୁଆଲ୍ ଗେମ୍ସ ହେଉ, ଖେଳଣା କ୍ଷେତ୍ର ହେଉ, ଏସବୁର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି, ଏବଂ ଏବେ ଏହା ଗୋଟିଏ ସୁଯୋଗ । ଶହେ ବର୍ଷ ତଳେ ଯେତେବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା, ସେତେବେଳେ ଗାନ୍ଧିଜୀ ଲେଖିଥିଲେ – ଅସହଯୋଗ ଆନ୍ଦୋଳନ, ଦେଶବାସୀଙ୍କ ମଧ୍ୟରେ ଆତ୍ମସମ୍ମାନ ଏବଂ ନିଜର ଶକ୍ତିର ଅନୁଭୂତି କରାଇବାର ଏକ ପ୍ରୟାସ ।

ଆଜି ଯେତେବେଳେ ଆମେ ଦେଶକୁ ଆତ୍ମନିର୍ଭର କରିବାକୁ ଚେଷ୍ଟା କରୁଛୁ, ସେତେବେଳେ ଆମକୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ହେବ, ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବାକୁ ହେବ । ଅସହଯୋଗ ଆନ୍ଦୋଳନ ରୂପେ ଯେଉଁ ବୀଜବପନ ହୋଇଥିଲା, ତାହାକୁ ଏବେ ଆତ୍ମନିର୍ଭର ଭାରତର ବଟବୃକ୍ଷରେ ପରିଣତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ।

ମୋର ପ୍ରିୟ ଦେଶବାସୀଗଣ, ଭାରତୀୟମାନଙ୍କ ନବସୃଜନ ଏବଂ ସମାଧାନ ପ୍ରଦାନ କରିବାର କ୍ଷମତା ଆଗରେ ସମସ୍ତେ ହାର ମାନିଥାନ୍ତି । ଯେତେବେଳେ ସମର୍ପଣ ଭାବ ରହିଥାଏ, ସମବେଦନା ଥାଏ ସେତେବେଳେ ଏହି ଶକ୍ତି ଅସୀମ ହୋଇଯାଏ । ଏହି ମାସ ଆରମ୍ଭରେ ଦେଶର ଯୁବବର୍ଗଙ୍କ ପାଇଁ ଆପ୍ ଇନ୍ନୋଭେସନ୍ ଚ୍ୟାଲେଞ୍ଜ ନାମରେ ଗୋଟିଏ ପ୍ରତିଯୋଗିତା ରଖାଯାଇଥିଲା । ଏହି ଆତ୍ମନିର୍ଭର ଭାରତ ଆପ୍ ଇନ୍ନୋଭେସନ୍ ଚ୍ୟାଲେଞ୍ଜରେ ଆମ ଯୁବବନ୍ଧୁମାନେ ଅତି ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରାୟଃ ୭ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କଲେ । ସେଥିରୁ ପାଖାପାଖି ଦୁଇ ତୃତୀୟାଂଶ ଆପ୍ ଟାୟାର ଟୁ ଏବଂ ଟାୟାର ଥ୍ରୀ ସହରର ଯୁବବନ୍ଧୁମାନେ ବିକଶିତ କରିଛନ୍ତି । ଆତ୍ମନିର୍ଭର ଭାରତ ପାଇଁ, ଦେଶର ଭବିଷ୍ୟତ ପାଇଁ ଏହା ଅତି ଶୁଭ ସଙ୍କେତ । ଆତ୍ମନିର୍ଭର ଆପ୍ ଇନ୍ନୋଭେସନ୍ ଚ୍ୟାଲେଞ୍ଜର ଫଳାଫଳ ଦେଖି ଆପଣମାନେ ନିଶ୍ଚୟ ପ୍ରଭାବିତ ହେବେ । ବହୁତ ପରୀକ୍ଷାନିରୀକ୍ଷା ପରେ, ବିଭିନ୍ନ ବର୍ଗରେ ପ୍ରାୟ ୨୪ଟି ଆପ୍‌କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ଆପଣମାନେ ଏସବୁ ଆପ୍ ସମ୍ପର୍କରେ ଜାଣନ୍ତୁ ଏବଂ ଏହା ସହ ସଂଶ୍ଳିଷ୍ଟ ମଧ୍ୟ ହୁଅନ୍ତୁ । ହୁଏତ ଆପଣ ମଧ୍ୟ ଏଭଳି କିଛି ତିଆରି କରିବା ପାଇଁ ପ୍ରେରଣା ପାଇବେ । ଏଥିରୁ ଗୋଟିଏ ଆପ୍ ହେଉଛି – କୁଟୁକୀ କିଡ୍ସ ଲର୍ଣ୍ଣିଂ ଆପ୍ । ଏହା ଛୋଟ ପିଲାଙ୍କ ପାଇଁ ଏଭଳି ଗୋଟିଏ ଇଂଟରଆକ୍ଟିଭ୍ ଆପ୍ ଯେଉଁଥିରେ ଗୀତ ଓ କାହାଣୀ ମାଧ୍ୟମରେ କଥା କଥାରେ ପିଲାମାନେ ଗଣିତ ଓ ବିଜ୍ଞାନର ଅନେକ କଥା ଶିଖିପାରିବେ । ଏଥିରେ କିଛି ଗତିବିଧି ରହିଛି, ଆଉ ଖେଳକୌତୁକ ମଧ୍ୟ ରହିଛି । ସେହିଭଳି ଗୋଟିଏ ମାଇକ୍ରୋ ବ୍ଲଗିଂ ପ୍ଲାଟ'ର୍ମର ଆପ୍ ମଧ୍ୟ ରହିଛି । ଏହାର ନାମ କୂ – K OO – କୂ । ଏଥିରେ ଆମେ ଆମ ମାତୃଭାଷାରେ ଟେକ୍ସଟ, ଅଡିଓ ଏବଂ ଭିଡିଓ ମାଧ୍ୟମରେ ନିଜ କଥା ରଖିପାରିବା, ଭାବ ବିନିମୟ ମଧ୍ୟ କରିପାରିବା । ସେହିଭଳି ଚିଙ୍ଗାରୀ ଆପ୍ ମଧ୍ୟ ଯୁବଗୋଷ୍ଠୀଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇପାରିଛି । ସେଥିରୁ ଗୋଟିଏ ଆପ୍ ହେଉଛି – ଆସ୍କ ସରକାର । ଏଥିରେ ଚ୍ୟାଟ୍ ବୋଟ୍ ମାଧ୍ୟମରେ ଆପଣ ଭାବ ବିନିମୟ କରିବା ସହ ଯେକୌଣସି ସରକାରୀ ଯୋଜନା ସମ୍ପର୍କରେ ସଠିକ ସୂଚନା ମଧ୍ୟ ପାଇପାରିବେ – ତାହା ପୁଣି ଟେକ୍ସଟ, ଅଡିଓ ଏବଂ ଭିଡିଓ ଭଳି ତିନୋଟି ମାଧ୍ୟମରେ । ଏହା ଆପଣଙ୍କ ପାଇଁ ଖୁବ ସହାୟକ ହୋଇପାରିବ । ଆଉ ଗୋଟିଏ ଆପ୍ ହେଉଛି – ଷ୍ଟେପ୍ ସେଟ୍ ଗୋ । ଏହା ଫିଟନେସ୍ ଆପ୍ । ଆପଣ କେତେ ବାଟ ଚାଲିଲେ, କେତେ କ୍ୟାଲୋରୀ ଖର୍ଚ୍ଚ କଲେ, ଏହାର ସମ୍ପୂର୍ଣ୍ଣ ହିସାବ ଏହି ଆପ୍ ରଖିପାରୁଛି ଏବଂ ଆପଣଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ମଧ୍ୟ ଦେଉଛି । ମୁଁ ମାତ୍ର ଅଳ୍ପ କିଛି ଉଦାହରଣ ଦେଇଛି । ଆହୁରି ଅନେକ ଆପ୍ ଏହି ପ୍ରତିଯୋଗିତାରେ ବିଜୟ ଲାଭ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ରହିଛି ବିଜନେସ୍ ଆପ୍, ଗେମ୍ସ ଆପ୍, ଯେମିତିକି 'Is Equal To', 'Books & Expense', 'Zoho Workplace', 'FTC Talent'. ଏଗୁଡ଼ିକ ବିଷୟରେ ଆପଣ ଇଂଟରନେଟ୍‌ରେ ସର୍ଚ୍ଚ କରନ୍ତୁ, ଆପଣଙ୍କୁ ଅନେକ ସୂଚନା ମିଳିବ । ଆପଣ ମଧ୍ୟ ଆଗେଇ ଆସନ୍ତୁ, କିଛି ନୂଆ କଥା ଚିନ୍ତା କରନ୍ତୁ, କିଛି ନୂଆ କାର୍ଯ୍ୟକାରୀ କରନ୍ତୁ । ଆପଣଙ୍କ ପ୍ରଚେଷ୍ଟାରେ ଆଜିର ଛୋଟ ଛୋଟ ଷ୍ଟାର୍ଟ ଅପ୍ କାଲିକୁ ବଡ଼ ବଡ଼ କମ୍ପାନୀରେ ପରିବର୍ତ୍ତିତ ହେବ ଏବଂ ବିଶ୍ୱ ଦରବାରରେ ଭାରତର ପରିଚୟ ସୃଷ୍ଟି କରିବ । ଆପଣ ଏ କଥା କେବେହେଲେ ଭୁଲନ୍ତୁ ନାହିଁ ଯେ, ଆଜି ଦୁନିଆରେ ଯେଉଁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଦେଖାଯାଉଛି, ସେଗୁଡ଼ିକ ଦିନେ ଷ୍ଟାର୍ଟ ଅପ୍ ଆକାରରେ ଆରମ୍ଭ ହୋଇଥିଲା ।

++++++

ମୋର ପ୍ରିୟ ଦେଶବାସୀଗଣ, କିଛିଦିନ ପରେ ପାଂଚ ସେପ୍ଟେମ୍ବରରେ ଆମେ ଶିକ୍ଷକ ଦିବସ ପାଳନ କରିବା । ଆମେମାନେ ଯେତେବେଳେ ନିଜ ଜୀବନର ସଫଳତାକୁ ଦେଖୁ, ନିଜ ଜୀବନଯାତ୍ରାକୁ ଦେଖୁ ସେତେବେଳେ ଆମର କୌଣସି ନା କୌଣସି ଶିକ୍ଷକଙ୍କ ସ୍ମୃତି ମନକୁ ଆସେ । ଦ୍ରୁତ ପରିବର୍ତ୍ତନଶୀଳ ସମୟ ଓ କରୋନା ସଂକଟ କାଳରେ ଆମର ଶିକ୍ଷକମାନଙ୍କ ସାମ୍ନାରେ ମଧ୍ୟ ସମୟ ସହ ବଦଳିବାର ଏକ ଆହ୍ୱାନ ରହିଛି । ମୁଁ ଖୁସି ଯେ ଆମର ଶିକ୍ଷକମାନେ ଏହି ଆହ୍ୱାନକୁ କେବଳ ସ୍ୱୀକାର କରିନାହାନ୍ତି, ବରଂ ସେମାନେ ଏହାକୁ ସୁଯୋଗରେ ପରିଣତ କରିଛନ୍ତି । ପାଠପଢ଼ାରେ କିପରି ପ୍ରଯୁକ୍ତିର ଅଧିକରୁ ଅଧିକ ଉପଯୋଗ ହୋଇପାରିବ, ନୂଆ ମାଧ୍ୟମକୁ କିପରି ଆପଣାଇହେବ, ଛାତ୍ରଛାତ୍ରୀଙ୍କୁ କିପରି ସାହାଯ୍ୟ କରିହେବ ଏହାକୁ ଆମର ଶିକ୍ଷକମାନେ ସହଜଭାବେ ଆପଣାଇଛନ୍ତି ଓ ସେମାନେ ଛାତଛାତ୍ରୀଙ୍କୁ ମଧ୍ୟ ଶିଖାଇଛନ୍ତି । ଆଜି ଦେଶରେ ସବୁ ସ୍ଥାନରେ କିଛି ନା କିଛି ଉଦ୍ଭାବନ ହେଉଛି । ଶିକ୍ଷକ ଓ ଛାତ୍ର ମିଳିମିଶି କିଛି ନୂଆ କରୁଛନ୍ତି । ମୋର ବିଶ୍ୱାସ ଯେ ଦେଶରେ ନୂତନ ଜାତୀୟ ଶିକ୍ଷାନୀତି ଜରିଆରେ ଯେପରି ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, ଆମର ଶିକ୍ଷକମାନେ ଏହାର ଲାଭ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ।

ବନ୍ଧୁଗଣ, ବିଶେଷକରି ମୋର ଶିକ୍ଷକବନ୍ଧୁମାନେ, ୨୦୨୨ ବର୍ଷରେ ଆମର ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରିବ । ସ୍ୱାଧୀନତା ପୂର୍ବରୁ ଅନେକ ବର୍ଷ ପର୍ଯ୍ୟନ୍ତ ଆମ ଦେଶରେ ସ୍ୱାଧୀନତା ସଂଗ୍ରାମର ଏକ ଦୀର୍ଘ ଇତିହାସ ରହିଛି । ସେହି ସମୟରେ ଦେଶର ଏପରି କୌଣସି ଅଂଚଳ ନ ଥିଲା ଯେଉଁଠି ସ୍ୱାଧୀନତାପ୍ରେମୀମାନେ ନିଜର ପ୍ରାଣ ଉତ୍ସର୍ଗ କରିନଥିଲେ, ନିଜର ସର୍ବସ୍ୱ ତ୍ୟାଗ କରିନଥିଲେ । ଆମର ଆଜିର ପିଢ଼ି, ଆମର ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମର ସେହି ନାୟକମାନଙ୍କ ସହ ପରିଚିତ ହେବା ଅତି ଆବଶ୍ୟକ; ସେମାନେ ସେହିପରି ହିଁ ଅନୁଭବ କରିବା ଜରୁରୀ । ନିଜ ଜିଲାରେ, ନିଜ ଅଂଚଳରେ ସ୍ୱାଧୀନତା ଆନ୍ଦୋଳନ ସମୟରେ କ'ଣ ହୋଇଥିଲା, କିପରି ହୋଇଥିଲା, କିଏ ଶହୀଦ ହୋଇଥିଲା, କିଏ କେତେଦିନ ଦେଶପାଇଁ ଜେଲ୍‌ରେ ରହିଥିଲା – ଏସବୁ କଥା ଆମ ଛାତ୍ରଛାତ୍ରୀ ଜାଣିଲେ ସେମାନଙ୍କ ବ୍ୟକ୍ତିତ୍ୱରେ ମଧ୍ୟ ତା'ର ପ୍ରଭାବ ଦେଖିବାକୁ ମିଳିବ । ଏଥିପାଇଁ ଅନେକ କାମ କରାଯାଇପାରିବ, ଯେଉଁଥିରେ ଆମ ଶିକ୍ଷକମାନଙ୍କର ବଡ଼ ଦାୟିତ୍ୱ ରହିଛି । ଯେପରିକି, ଆପଣ ଯେଉଁ ଜିଲାରେ ରହୁଛନ୍ତି ସେଠାରେ ଶତାବ୍ଦୀ ଶତାବ୍ଦୀ ଧରି ଯେଉଁ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା ସେହି ସ୍ୱାଧୀନତା ସଂଗ୍ରାମବେଳେ କିଛି ଘଟଣା ଘଟିଥିଲା କି ? ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗବେଷଣା କରାଯାଇପାରିବ । ତାକୁ ବିଦ୍ୟାଳୟର ହସ୍ତଲିଖିତ ପତ୍ରିକାରେ ଛପାଯାଇପାରିବ । ଆପଣଙ୍କ ସହରରେ ଯଦି ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ କୌଣସି ସ୍ଥାନ ରହିଛି, ତେବେ ଛାତ୍ରଛାତ୍ରୀଙ୍କୁ ସେହି ସ୍ଥାନକୁ ନେଇଯାଇପାରିବେ । କୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂକଳ୍ପ ନେଇପାରିବେ ଯେ ସ୍ୱାଧୀନତାର ୭୫ ବର୍ଷରେ ନିଜ ଅଂଚଳର ୭୫ ଜଣ ସ୍ୱାଧୀନତା ସଂଗ୍ରାମର ନାୟକଙ୍କ ଉପରେ କବିତା ଲେଖିବେ, ନାଟକ ଲେଖିବେ । ଆପଣଙ୍କ ପ୍ରୟାସ ଦେଶର ହଜାର ହଜାର, ଲକ୍ଷ ଲକ୍ଷ ଅନାଲୋଚିତ ନାୟକମାନଙ୍କ ବିଷୟରେ ଆଲୋକପାତ କରିପାରିବ, ଯେଉଁମାନେ ଦେଶପାଇଁ ବଂଚୁଥିଲେ, ଦେଶପାଇଁ ଜୀବନ ଦେଇଥିଲେ, ଯେଉଁମାନଙ୍କ ନାମ ସମୟ ସହ ବିସ୍ମୃତ ହୋଇଯାଇଛି, ସେହି ମହାନ ବ୍ୟକ୍ତିତ୍ୱଙ୍କୁ ଯଦି ଆମେ ସାମ୍ନାକୁ ଆଣିବା, ସ୍ୱାଧୀନତାର ୭୫ ବର୍ଷରେ ସେମାନଙ୍କୁ ମନେପକାଇବା ତେବେ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ଏବଂ ଯେତେବେଳେ ୫ ସେପ୍ଟେମ୍ବରରେ ଶିକ୍ଷକ ଦିବସ ପାଳନ କରାଯିବ ସେତେବେଳେ ମୁଁ ମୋର ଶିକ୍ଷକ ବନ୍ଧୁମାନଙ୍କୁ କହିବାକୁ ଚାହୁଁଛି ଯେ ସେମାନେ ଏଥିପାଇଁ ଏକ ପରିବେଶ ତିଆରି କରନ୍ତୁ, ସମସ୍ତଙ୍କୁ ସେଥିରେ ସାମିଲ୍ କରନ୍ତୁ ଏବଂ ସମସ୍ତେ ମିଳିମିଶି ଏକାଠି କରନ୍ତୁ ।

ମୋର ପ୍ରିୟ ଦେଶବାସୀଗଣ, ଦେଶ ଆଜି ଯେଉଁ ବିକାଶ ଯାତ୍ରାରେ ଅଗ୍ରସର ହେଉଛି ତା'ର ସଫଳତା ସେତେବେଳେ ହିଁ ସୁଖଦ ହେବ, ଯେତେବେଳେ ପ୍ରତ୍ୟେକ ଦେଶବାସୀ ଏଥିରେ ସାମିଲ୍ ହେବେ, ଏହି ଯାତ୍ରାର ଯାତ୍ରୀ ହେବେ, ଏହି ପଥର ପଥିକ ହେବେ । ସେଥିପାଇଁ ଏହା ଜରୁରୀ ଯେ ପ୍ରତ୍ୟେକ ଦେଶବାସୀ ସୁସ୍ଥ ରହନ୍ତୁ, ସୁଖୀ ରହନ୍ତୁ ଏବଂ ଆମେ ମିଳିମିଶି କରୋନାକୁ ସଂପୂର୍ଣ୍ଣ ଭାବେ ପରାଜିତ କରିବା । କରୋନା ସେତେବେଳେ ହାରିବ, ଯେତେବେଳେ ଆପଣ ସୁରକ୍ଷିତ ରହିବେ, ଯେତେବେଳେ ଆପଣ "ଦୁଇ ଗଜ ଦୂରତା, ମାସ୍କ ଜରୁରୀ'', ଏହି ସଂକଳ୍ପକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବେ । ଆପଣ ସମସ୍ତେ ସୁସ୍ଥ ରହନ୍ତୁ, ସୁଖୀ ରହନ୍ତୁ, ଏହି ଶୁଭକାମନା ସହ ଆଗାମୀ 'ମନ କୀ ବାତ୍'ରେ ପୁଣି ଭେଟିବା । ବହୁତ ବହୁତ ଧନ୍ୟବାଦ । ନମସ୍କାର ।


# ପୌରପରିଷଦ ପାରଳାଖେମୁଣ୍ଡି

ଆସନ୍ତା ତା୩୧/୦୮/୨୦୨୦ରିଖ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପାରଳା ପୌରାଞ୍ଚଳର ସମସ୍ତ ଅଧିବାସୀମାନଙ୍କୁ ପୌରପରିଷଦ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ପାରଳା ସହର ବାସିନ୍ଦାଙ୍କ ସର୍ବାଧିକ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ସହିତ ବହୁବିଧ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକ ଆଗେଇ ନିଆଯାଇଛି । ଆମ୍ଭେ ସଙ୍କଳ୍ପବଦ୍ଧ ଯେ, ଚଳିତ ବର୍ଷରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପୂର୍ଣ୍ଣାଙ୍ଗ ରୂପ ଦେଇ ନଗରବାସୀଙ୍କ ସେବାରେ ଉତ୍ସର୍ଗକୃତ କରିବା ପାଇଁ ପ୍ରତିଶୃତିବଦ୍ଧ ହୋଇଅଛୁ ।

## ଆମର ଲକ୍ଷ୍ୟ ଓ ସଙ୍କଳ୍ପ ପଥେ ପଦକ୍ଷେପ

୧. ହାଟପଦା ଠାରେ ନୂତନ ଦୋକାନ ଗୃହ (ଭେଣ୍ଡିଙ୍ଗ ଜୋନ) ସମୂହ ନିର୍ମାଣ ।
୨. ପଟ୍ଟନାୟକ ବନ୍ଧ ଓ ସଙ୍କୁରି ବନ୍ଧର ସୌନ୍ଦର୍ଯ୍ୟକରଣ ।
୩. ଉପକାରାଗାର ସମ୍ମୁଖରେ ନୂତନ ଟାଉନ୍ ହାଲ୍ ନିର୍ମାଣ ।
୪. ସହର ମଧ୍ୟରେ ସୃଷ୍ଟି ହେଉଥିବା ଅଳିଆ ଆବର୍ଜନା ଗୁଡିକର ସଠିକ ଉପଯୋଗ ପାଇଁ ୪ ଗୋଟି ଅଣୁଜୈବ ଖତ ପ୍ରସ୍ତୁତି କ୍ଷୁଦ୍ର କେନ୍ଦ୍ର ଏବଂ ୨ ଗୋଟି ସାମଗ୍ରୀ ପୁର୍ନଲାଭ କେନ୍ଦ୍ର ନିର୍ମାଣ ।
୫. ରାମନଗର ଶ୍ମଶାନରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଯଥା – ଇଲେକଟ୍ରିକ ଯନ୍ତ୍ର ଦ୍ୱାରା ଶବଦାହ, ସୁ-ଆଲୋକିକରଣ, ପାର୍କ ଜଳାଶ୍ରୟ ମନ୍ଦିର ଶିଶୁମାନଙ୍କ ଆମୋଦ ପ୍ରମୋଦ, ଶବ ସଂରକ୍ଷଣ ଯନ୍ତ୍ର ଇତ୍ୟାଦି ବ୍ୟବସ୍ଥା କରାଯିବ ।

## ଆମର ସଫଳତାର କାର୍ଯ୍ୟ

୧. ବାସହୀନମାନଙ୍କ ପାଇଁ ରାତ୍ରୀ ଆଶ୍ରୟ ସ୍ଥଳ ନିର୍ମାଣ ।
୨. ସହର ମଧ୍ୟରେ ୧୧ ଗୋଟି ଗୋଷ୍ଠୀ ପାଇଖାନା ନିର୍ମାଣ ।
୩. ମହାରାଜାଙ୍କ ସମାଧି ପୀଠରେ ଶିଶୁଉଦ୍ୟାନ ନିର୍ମାଣ ।
୪. ସହରରେ ସୃଷ୍ଟି ହେଉଥିବା ଅଳିଆ ଆବର୍ଜନାର ସଠିକ୍ ଉପଯୋଗ ନିମନ୍ତେ ୪ଗୋଟି ମାଇକ୍ରୋ କମ୍ପୋଷ୍ଟିଙ୍ଗ କେନ୍ଦ୍ର ମଧ୍ୟରୁ ରାମନଗର କେନ୍ଦ୍ରର କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଅଛି ଏବଂ ଅବଶିଷ୍ଟ ୩ ଗୋଟି କେନ୍ଦ୍ରର କାର୍ଯ୍ୟ ଅତିଶୀଘ୍ର ଶେଷ ହୋଇ କାର୍ଯ୍ୟକ୍ଷମ ହେବ ।
୫. ଗୋପାଳକୃଷ୍ଣ ପାଠାଗାରର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି ଏବଂ ଅତିଶୀଘ୍ର ଲୋକାର୍ପିତ ହେବ ।
୬. କୋଭିଡ-୧୯ ମହାମାରୀକୁ ନିୟନ୍ତ୍ରଣ କରିବା ସକାଶେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଯଥା- ୧୬ଗୋଟି ୱାର୍ଡ଼ରେ ୧୬ଗୋଟି ଜ୍ୱର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଏବଂ ୪ଗୋଟି ରେପିଡ ରେସପନସ୍ ଟିମ୍ ଗଠିତ କରାଯାଇଛି । ଏତଦ ବ୍ୟତୀତ ୨ଗୋଟି ରେପିଡ ଆଣ୍ଟିଜେନ୍ ପରୀକ୍ଷା କେନ୍ଦ୍ର ଖୋଲାଯାଇଛି । ଟେଷ୍ଟିଂ ତତ୍‌କ୍ଷଣାତ କୋଭିଡ-୧୯ (+ve) ଚିହ୍ନଟ, କଣ୍ଟାକ୍ଟ ଟ୍ରେସିଂ, ନିଷେଦ୍ଧାଞ୍ଚଳ ଘୋଷଣା, ସାନିଟାଇଜେସନ୍ ଏବଂ ପ୍ରାଇମେରୀ କଣ୍ଟାକ୍ଟକୁ ପରୀକ୍ଷା କରିବା ଆଦି କରାଇ କରୋନା ମହାମାରୀକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଅଛୁ ।

## ସହରବାସୀଙ୍କ ସହଯୋଗ ଓ ଦାୟୀତ୍ୱ

୧. ଘର ଟିକସ୍ ଠିକ୍ ସମୟରେ ପୈଠ କରନ୍ତୁ ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଜବରଦଖଲ କରି ଗମନାଗମନ ଓ ନିଷ୍କାସନ ପଥ ଅବରୋଧ ସୃଷ୍ଟି କରନ୍ତୁ ନାହିଁ ।
୩. ଦୋକାନ ଲାଇସେନ୍ସ ଫି ଠିକ୍ ସମୟରେ ପୈଠ କରନ୍ତୁ ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ ।
୫. ଗୃହପାଳିତ ପଶୁ ଯଥା ଗାଈ, ଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧ୍ୟ ରାସ୍ତାକୁ ଛାଡନ୍ତୁ ନାହିଁ ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୭. ପାରଳା ପୌର ପରିଷଦ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୮. ୪୦ ମାଇକ୍ରୋନ୍ ମୋଟେଇ ଠାରୁ କମ୍ ପଲିଥିନ ଏବଂ ଥର୍ମକୁଲ ର ମହଜୁତ, ବିକ୍ରୟ ଓ ବ୍ୟବହାର ଉପରେ ରାଜ୍ୟ ସରକାର ନିଷିଦ୍ଧାଦେଶ ଜାରି କରିଛନ୍ତି । ଏହାକୁ ଅମାନ୍ୟ କଲେ ଆଇନ ଅନୁଯାଇ ପରିଷଦ ତରଫରୁ ଜରିମାନା ଆଦାୟ କରାଯିବ ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ନିରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ।

**ଶ୍ରୀ ଅଶୋକ କୁମାର ରାଉତ**
କାର୍ଯ୍ୟନିର୍ବାହୀ ଅଧିକାରୀ,
ପାରଳାଖେମୁଣ୍ଡି ପୌରପରିଷଦ

**ଶ୍ରୀଯୁକ୍ତ ଅନୁପମ ସାହା, (ଭା.ପ୍ର.ସେ)**
ଜିଲ୍ଲାପାଳ, ଗଜପତି ତଥା
ପ୍ରଶାସକ, ପାରଳାଖେମୁଣ୍ଡି ପୌରପରିଷଦ

# ପୌର ପରିଷଦ, ଯୋଡା

ସ୍ୱାୟତ୍ତ ଶାସନ ଦିବସ-୨୦୨୦ ଅବସରରେ ଯୋଡା ପୌରାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

## ଆଜିର ଆହ୍ୱାନ

(୧) ଆଜିର ଏହି ଶୁଭ ଅବସରରେ ଆମେ ଶପଥ ନେବା ଯେ ବର୍ତ୍ତମାନ ଦେଖାଦେଇଥିବା ମହାମାରୀ କରୋନା ଭୂତାଣୁ ସଂକ୍ରମଣରୁ ନିଜକୁ ଓ ସହରବାସୀଙ୍କୁ ରୋକିବା ପାଇଁ ସମସ୍ତେ ମାସ୍କ ପିନ୍ଧିବା, ସମଦୂରତା ରକ୍ଷା କରିବା, ବିନା କାରଣରେ ଘରୁ ବାହାରକୁ ନବାହାରିବା ।

(୨) ଏହି ଯୋଡ଼ା ସହର ଆପଣଙ୍କର । ଏଣୁ ଯୋଡ଼ା ସହର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ପୌର ପରିଷଦର ଉନ୍ନତି ଓ ସହରକୁ ସଫା ରଖିବା ସହିତ ନିମ୍ନ ବର୍ଣ୍ଣିତ କାର୍ଯ୍ୟରେ ସହଯୋଗ କରନ୍ତୁ ।

- ନିଜର ହୋଲ୍‌ଡ଼ିଂ ଟିକସ ଠିକ୍ ସମୟରେ ପରିଷଦରେ ପୈଠ କରନ୍ତୁ ।
- କୋଠାବାଡ଼ି ନିର୍ମାଣ କରିବା ପୂର୍ବରୁ ଘରର ନକ୍ସା ଅନୁମୋଦନ କରାନ୍ତୁ ।
- ଘରର ମଇଳା ଆବର୍ଜନା ପୃଥକ ଭାବେ ଶୁଖିଲା ଓ ଓଦା ଆପଣଙ୍କ ପାଖକୁ ଯାଉଥିବା ଗାଡ଼ିରେ ଦିଅନ୍ତୁ ।
- ଘର ପାଖରେ ଥିବା ଡ୍ରେନରେ ମଇଳା ଆବର୍ଜନା ପକାନ୍ତୁ ନାହିଁ ।
- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ସେସପୁଲ୍ ମେସିନ୍ ବ୍ୟବହାର କରନ୍ତୁ ।
- ପରିଷଦ ତରଫରୁ ଦିଆଯାଉଥିବା ପାଣି ଟ୍ୟାପର ଅପବ୍ୟହାର କରନ୍ତୁ ନାହିଁ ।
- ସମସ୍ତ କରୋନା ଯୋଦ୍ଧାଙ୍କୁ ସମ୍ମାନ କରିବା ସହ ସେମାନଙ୍କର ମନୋବଳ ବୃଦ୍ଧି କରିବାରେ ସହାୟକ ହୁଅନ୍ତୁ ।
- ଆସନ୍ତା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ଆପଣଙ୍କ ସକ୍ରିୟ ଯୋଗଦାନ କାମନା କରୁଅଛୁ ।
- M.C.C. ଠାରୁ ଉତ୍ପାଦିତ ଜୈବିକ ସାର 'ମୋ ଖତ' ବ୍ୟବହାର କରି ଅଧିକ ଅମଳ କରନ୍ତୁ ।

**। ସରସ, ପରିଷ୍କାର, ସୁନ୍ଦର । ମୋ ଯୋଡ଼ା ସହର ।**

**ଶ୍ରୀ ପ୍ରତାପ ପ୍ରୀତିମୟ, ଓ.ପ୍ର.ସେ(୧) ବରିଷ୍ଠ**
ଉପ-ଜିଲ୍ଲାପାଳ, ଚମ୍ପୁଆ ତଥା ପ୍ରଶାସକ,
ଯୋଡା ପୌରପାଳିକା

**ଶ୍ରୀ ସୂର୍ଯ୍ୟମଣୀ ପାଟ୍ଟଯୋଷୀ**
ନିର୍ବାହୀ ଅଧିକାରୀ
ଯୋଡା ପୌରପାଳିକା

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ

# ବାଲେଶ୍ୱର ପୌରପାଳିକା

### ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି

### ତା୩୧.୦୮.୨୦୨୦ (ସୋମବାର)

## ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି । ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪. କର୍ତ୍ତବ୍ୟରତ କର୍ମଚାରୀମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ ।
୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୬. ଗୃହ ନିର୍ମାଣ ପୂର୍ବରୁ ପୌଳପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୭. ଜଳ ନିଷ୍କାସନ ଡ୍ରେନକୁ ସଫା ରଖନ୍ତୁ ଓ ରାସ୍ତା ସଫା ରଖନ୍ତୁ ।
୮. ପଲିଥିନ ଓ ଥର୍ମୋକୁଲ ବ୍ୟବହାର ନ କରି ପରିବେଶକୁ ପ୍ରଦୂଷଣ ମୁକ୍ତ କରନ୍ତୁ ।
୯. ନିୟମିତ ଘର ଟିକସ, ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକା ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୧୦. ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ, ଚିକୁନଗୁନିଆ ଆଦି ରୋଗ ପ୍ରତି ସତର୍କ ରୁହନ୍ତୁ ।
୧୧. ପ୍ରାତକାଳ ରାସ୍ତା ସଫେଇ ପରେ ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ କିମ୍ବା ପିଚୁ ରାସ୍ତାରେ ପାଣି ପକାଇ ଓଦା କରନ୍ତୁ ନାହିଁ ।
୧୨. ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣଙ୍କ ସାହାଯ୍ୟ ଓ ସହଯୋଗ ସଦାସର୍ବଦା ଏକାନ୍ତ କାମ୍ୟ ।
୧୩. ପ୍ରତ୍ୟେକ ଘରୁ ବାହାରୁଥିବା ଅଳିଆ, ଆବର୍ଜନା, ପନିପରିବା ଚୋପା, ବାସୀଖାଦ୍ୟ, ପଚାଫଳ ଏଣେ ତେଣେ ନପକାଇ ଘରକୁ ଘର ଯାଉଥିବା ଗାଡ଼ିରେ ରଖା ଯାଇଥିବା ଡଷ୍ଟବିନ୍‌ରେ ପକାନ୍ତୁ ।
୧୪. ଘରୁ ବାହାରିବା ସମୟରେ ସର୍ବଦା ମାସ୍କ ବ୍ୟବହାର କରି ବାହାରନ୍ତୁ ଏବଂ ସାମାଜିକ ଦୂରତା ଅତିକମ୍‌ରେ ଦୁଇ ମିଟର (୨ ମିଟର) ବ୍ୟବଧାନ ରଖନ୍ତୁ ।
୧୫. ବାଲେଶ୍ୱର ପୌରପାଳିକା ଅଂଚଳକୁ କରୋନମୁକ୍ତ କରନ୍ତୁ ।

**ବାଲେଶ୍ୱର ପୌରପାଳିକା**



## ପୌର ପରିଷଦ : ସୁନ୍ଦରଗଡ଼

ସର୍ବଭାରତୀୟ ଶ୍ୱାୟତ୍ତ ଶାସନ ଦିବସ-୨୦୨୦ଉପଲକ୍ଷେ ପୌରପରିଷଦ, ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସଫା ସୁତୁରା ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା ।

(୧) ଠିକ୍ ସମୟରେ ପୌରପରିଷଦ ଟିକସ୍ ପଇଠ କରନ୍ତୁ ।
(୨) ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ ।
(୩) ବିନା ଲାଇସେନ୍‌ସ୍‌ରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
(୪) ରାସ୍ତାରେ ପାଣିକଳ, ଆଲୋକ, ନଳକୂପ ଗୁଡ଼ିକର ସୁରକ୍ଷା କରନ୍ତୁ ।
(୫) ସରକାରୀ ଓ ଜନସାଧାରଣ ଜମିକୁ ଜବରଦଖଲ ମୁକ୍ତ ରଖନ୍ତୁ ।
(୬) ବୃକ୍ଷରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ ।
(୭) ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବା ପାଇଁ ଛାଡ଼ନ୍ତୁ ନାହିଁ ।
(୮) ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ ।
(୯) ପ୍ଲାଷ୍ଟିକର ବ୍ୟବହାର କରନ୍ତୁ ନାହିଁ ।
(୧୦) ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କରାଇ ନିଅନ୍ତୁ ।
(୧୧) ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ ।

**ସ୍ୱା/-**
ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼, କଳାହାଣ୍ଡି

ପବିତ୍ର 'ସ୍ୱାୟତ୍ତ ଶାସନ ଦିବସ-୨୦୨୦' ଅବସରରେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସହଯୋଗ କାମନା କରୁଅଛୁ ।

**ନିବେଦନ**

✠ କରୋନା ପରି ଏକ ମହାମାରୀ କବଳରୁ ରକ୍ଷା ପାଇବା ପାଇଁ ହାତକୁ ବାରମ୍ଵାର ସାବୁନ ଦ୍ୱାରା ଅତିକମ୍‌ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଧୁଅନ୍ତୁ ।
✠ ବିନା କାରଣରେ କୌଣସି ସ୍ଥାନରେ ରୁଣ୍ଡ ହୁଅନ୍ତ ନାହିଁ ଏବଂ ନିଜ ନିଜ ମଧ୍ୟରେ ଅତିକମ୍‌ରେ ୨ମିଟର ଦୂରତା ରକ୍ଷା କରନ୍ତୁ ।
✠ ଆବଶ୍ୟକ ନ ଥିଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ । ଜରୁରୀ କାମରେ ବାହାରିଲେ ଠିକ୍ ଭାବରେ ମାସ୍କ ପିନ୍ଧି ବାହାରନ୍ତୁ ।
✠ କୌଣସି ବ୍ୟକ୍ତିଙ୍କ ପାଖରେ କରୋନା ଜନିତ ଲକ୍ଷଣ ଯଥା- ଜ୍ୱର, ମୁଣ୍ଡବିନ୍ଧା, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଦୃଷ୍ଟିକୁ ଆସିଲେ ନିକଟସ୍ଥ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାନ୍ତୁ, ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
✠ କୋଭିଡ-୧୯ ସମ୍ବନ୍ଧୀୟ ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ନିୟମର ପାଳନ କରନ୍ତୁ ।
✠ ଆସନ୍ତୁ ଧର୍ମଗଡ଼କୁ ଏକ ସ୍ୱଚ୍ଛ, ସୁନ୍ଦର ଏବଂ ସୁସ୍ଥ ସହର ରୂପେ ଗଢ଼ି ତୋଳିବା ପାଇଁ ଆଜିଠୁ ସଂକଳ୍ପ ନେବା ।

**ଶ୍ରୀ ଦିବାକର ଟି ଏସ, ଆଇ.ଏ.ଏସ**
ଉପ-ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼


## ଅସହାୟ ଅବସ୍ଥାରେ ଉକିଆ ମହାନନ୍ଦଙ୍କ ପରିବାର




ସଇଁନ୍ତଲା, (ନିପ୍ର) : ବହୁ ଦିନରୁ ନିଜର ବାସସ୍ଥାନ ଟିକକ ପାଇଁ ବହୁ ନେତା ଅଫିସରଙ୍କୁ ଗୁହାରୀ କରିଥିଲେ ହେଁ କେହି ହେଲେ ଗୁହାରୀ ଶୁଣୁନାହାନ୍ତି । ଶେଷରେ ଯେଉଁ ଛୋଟ ଘର ଟିଏ ଥିଲା ତାହା ବର୍ଷା ପାଣିରେ ଭାଙ୍ଗି ଯାଇଛି । ଫଳରେ କୁଟୁମ୍ବର ପା* ପ୍ରାଣୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସରକାର ଗରିବ ଲୋକଙ୍କ ପାଇଁ ବହୁ ଗୁଡିଏ ଯୋଜନା କରିଛନ୍ତି, କିନ୍ତୁ ତାହା ବଲାଙ୍ଗୀର ଜିଲ୍ଲା ସଇଁନ୍ତଲା ବ୍ଲକ କେରମେଲି ଗ୍ରାମ ପଂଚାୟତ ଅନ୍ତର୍ଗତ କରେଲଧୂଆ ଗ୍ରାମରେ ଫେଲ୍ ମାରିଛି । ସୂଚନା ଏହି କି ଯେ ଉକ୍ତ ଗ୍ରାମରେ ବହୁ ଦିନରୁ ରହି ଆସିଛନ୍ତି ଉକିଆ ମହାନନ୍ଦ । କିନ୍ତୁ ବହୁ ଲୋକଙ୍କୁଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମିଳୁଛି । କିନ୍ତୁ ବାରମ୍ବାର କାକୁତି ମିନତି ହୋଇ ବହୁ ଅଭିଯୋଗ କରିଥିଲେ ମଧ କୌଣସି ସମସ୍ୟାର ସମାଧାନ ହୋଇପାରି ନାହିଁ । ଏପଟେ ବର୍ଷା ପାଣିରେ ଘର ଭାଙ୍ଗିଯିବା ପରେ କେଉଁଠି ରହିବେ ସେଇ ଚିନ୍ତାରେ ସେମାନେ ମ୍ରିୟମାଣ । କିଏ ବା ତାଙ୍କ ଦୁଃଖ ବୁଝିବ ! ଯଦି ତାଙ୍କୁ କିଛି ସରକାରୀ ସୁବିଧା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିବ. ତେବେ ତାଙ୍କର ସମସ୍ୟାର ସମାଧାନ ହୋଇପାରିବ ବୋଲି ଶୋକଭରା ହୋଇ ଗୁହାରୀ କରୁଛନ୍ତି । ତେବେ ଯଥାଶୀଘ୍ର ସରକାର ଉଚ଼ିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ରକ୍ଷାମନ୍ତ୍ରୀ ରାଜନାଥ ସିଂହ....(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଯୋଗୁଁ ପରସ୍ପର ସହ ବ୍ୟକ୍ତିଗତ ଯୋଗାଯୋଗ କଟକଣା ଦୃଷ୍ଟିରୁ ଏହି ଆପ ସେମାନଙ୍କ ପାଇଁ ବିଭିନ୍ନ ବିଷୟ ଶିଖିବାରେ ସହାୟକ ହେବ । ଜଣେ ଆତ୍ମବିଶ୍ୱାସ ଓ ସଂକଳ୍ପବଦ୍ଧ ହୋଇ ଆଗକୁ ଚାଲିଲେ ସେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ସଫଳତାର ଶୀର୍ଷକୁ ପହଂଚିପାରିବ । କୋଭିଡ ବୈଶ୍ୱିକ ମହାମାରୀ କାଳରେ କରୋନା ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟ କରିଥିବା ଲକ୍ଷାଧିକ ସମର ଶିକ୍ଷାର୍ଥୀଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଏନସିସି, ଏକତା, ଶୃଙ୍ଖଳା ଓ ଦେଶ ସେବାର ମନ୍ତ୍ର ଦେଇଥାଏ । ଏନସିସି କ୍ୟାଡେଟ ଭାବେ କାର୍ଯ୍ୟ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଏୟାର ମାର୍ଶଲ ଅର୍ଜନ ସିଂ, କ୍ରୀଡାବିତ ଅଞ୍ଜଳି ଭାଗବତ, ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଓ ପୂର୍ବତନ ରକ୍ଷାମନ୍ତ୍ରୀ ମନୋହର ପାରିକର ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ନିଜେ ରକ୍ଷାମନ୍ତ୍ରୀ ମଧ ଜଣେ ଏନସିସି କ୍ୟାଡେଟ ଥିଲେ । ଡିଜି ଏନସିସି ମୋବାଇଲ ତାଲିମ ଆପ ଏନସିସି କ୍ୟାଡେଟମାନଙ୍କୁ ସମସ୍ତ ତାଲିମ ସାମଗ୍ରୀ (ସିଲାବସ, ପ୍ରେସି, ତାଲିମ ଭିଡିଓ ଓ ବାରମ୍ବାର ପଚାରା ଯାଉଥିବା ପ୍ରଶ୍ନ) ଗୋଟିଏ ପ୍ଲାଟଫର୍ମରେ ପ୍ରଦାନ କରିଥାଏ । ଏହି ଆପରେ ପ୍ରଶ୍ନ ପଚାରିବା ବ୍ୟବସ୍ଥା ଯୋଗୁଁ ଓ ଏହା ପାରସ୍ପାରିକ ଆଲୋଚନାର ମଧ ସୁବିଧା ପ୍ରଦାନ କରିଥାଏ । ଏହି ଅପ୍‌ସନ୍‌ର ବ୍ୟବହାର କରି ଜଣେ କ୍ୟାଡେଟ ତାହାର ପ୍ରଶ୍ନ ପଚାରି ପାରିବ ଏବଂ ଏକ ପ୍ରଶିକ୍ଷିତ ବ୍ୟକ୍ତିମାନେ ତାହାର ଉତ୍ତର ଦେଇପାରିବେ । ଏନସିସି ତାଲିମ ପାଇଁ ଏହି ଆପ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଭିଜନ ଲକ୍ଷ୍ୟକୁ ମଧ ସାକାର କରିପାରିବ । ପ୍ରତିରକ୍ଷା ସଚିବ ଡଃ ଅଜୟ କୁମାର, ଏନସିସି ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଚୋପ୍ରା, ମନ୍ତ୍ରଣାଳୟର ଅନ୍ୟାନ୍ୟ ବେସାମରିକ ଓ ସାମରିକ ପଦାଧିକାରୀମାନେ ଏହି ଅବସରେ ଉପସ୍ଥିତ ଥିଲେ ।

## ଗାଁର ବିଶୃଙ୍ଖଳିତ ସ୍ଥିତିକୁ....(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କରାଯାଉଅଛି ଏବଂ ନିଜର ରଜନୈତିକ ଫାଇଦା ପାଇଁ ଏକ ଗୋଷ୍ଠୀକୁ ବ୍ୟବହାର କରି ଅଶାନ୍ତିର ମାହୋଲ ସୃଷ୍ଟି କରାଯାଇ ସାଧାରଣ ଲୋକଙ୍କୁ ହଇରାଣ ହରକତ କରୁଥିବା ନଜିର ରହିଛି ।

ଏଣୁ ଜିଲ୍ଲା ଯାଦବ ମହାସଭା ବଲାଙ୍ଗିର ପକ୍ଷରୁ ଅନୁରୋଧ କରାଯାଉଛି ଯେ, ଉଚିତ ତଦନ୍ତ କରାଯାଇ ଯେଉଁମାନେ ଘଟଣାରେ ସଂପୃକ୍ତ ତାଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଯାଉ ଏବଂ ଘଟଣାକୁ ନେଇ ଯେଉଁମାନେ ଲୋକଙ୍କୁ ଉସୁକାଇ ଭୟର ବାତାବରଣ ସୃଷ୍ଟି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନଚେତ୍ ଆଗାମୀ ଦିନରେ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ।

## ଅଇଁଲାସାରି ଘଟଣା....(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସାଲେଭଟାଠାରେ ୬ ଜଣ ନିରୀହ ଆଦିବାସୀ ଭାଇଙ୍କ ଘରକୁ ଜେସିବି ଲଗାଇ ଧ୍ୱଂସ କରି ଦିଆଯିବାକୁ ନେଇ ଦଳିତ ମହଲରେ ଘୋର ଅସୋନ୍ତୋଷ ବଢିବା ସହିତ ଏହା ପ୍ରଶାସନର ଦଳିତମାରଣ ନୀତିକୁ ସ୍ପଷ୍ଟ କରୁଛି । ଯଦି ଆଗାମୀ ଦିନରେ ପୋଲିସ ପ୍ରଶାସନର ଏଭଳି ଦଳିତମାରଣ ନୀତି ଜାରି ରହେ ତେବେ ସମସ୍ତ ଦଳିତ ଏକ ଜୁଟ ହୋଇ ସଶସ୍ତ୍ର ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ଜିଲ୍ଲା ଦଳିତ ସମାଜ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଜିଲ୍ଲା ଦଳିତ ସମାଜର ଅଧ୍ୟକ୍ଷ ବିଜୟ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳିତ ସମାଜ ତରଫରୁ ୬ ଦଫା ଦାବୀ ଉପସ୍ଥାପନ କରାଯାଇଥିଲା । ଦାବୀଗୁଡ଼ିକ ହେଲା- ଅଇଁଲାସାରୀ ମାମଲାରେ ଅଭିଯୁକ୍ତ ୪୬ ଜଣଙ୍କୁ ତୁରନ୍ତ ଗିରଫ କାରାଯାଉ । ୧୦ଜଣ ନିର୍ଦ୍ଦୋଷଙ୍କ ନାଁରେ ଲଗାଯାଇଥିବା ମାମଲା ପ୍ରତ୍ୟାହାର କରାଯାଉ । ନିଜେ ଜିଲ୍ଲାପାଳ ଓ ଏସପି ଗାଁକୁ ଯାଇ କ୍ଷୟକ୍ଷତିର ଆକଳନ କରି ପୀଡିତଙ୍କୁ କ୍ଷତିପୁରଣ ପ୍ରଦାନ କରନ୍ତୁ । ପୀଡିତ ମହିଳାମାନଙ୍କୁ ୨୦ ଲକ୍ଷ ଟଙ୍କାର ମାନହାନୀ ରାଶି ପ୍ରଦାନ କରାଯାଉ । ସମସ୍ତ କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉ । ବଲାଙ୍ଗିର ଜିଲ୍ଲାକୁ ଏଟ୍ରୋସିଟି ପ୍ରବଣ ଜିଲ୍ଲା ଘୋଷଣା କରାଯାଉ । ଅନ୍ୟଥା ଚିର ନିର୍ଯ୍ୟାତିତ ଦଳିତମାନେ ଏକଜୁଟ ହୋଇ ଜିଲ୍ଲା ପୋଲିସ ତଥା ପ୍ରଶାସନର ବିରୋଧରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପଛାଇବେ ନାହିଁ ବୋଲି ଦଳିତ ସଂଘ ତରଫରୁ କୁହାଯାଇଛି । ତେବେ ଆଜିର ଏହି ସମ୍ମିଳନୀରେ ଦଳିତ ମଂଚ ପକ୍ଷରୁ ଏପିଆଇର ରାଜ୍ୟ ସଭାପତି ଦିନେଶ ନାଗ, ବିଏସପି ନେତା ଦ୍ରୋଣ କୁମ୍ଭାର, ରଶ୍ମିକାନ୍ତ, ସୁର୍ଯ୍ୟ ସୁନା, ଜ୍ୟୋତିର୍ମୟ ନାଗ, ତ୍ରିଲୋଚନ ନନ୍ଦ ଓ ରମାକାନ୍ତ ଲବାର ପ୍ରମୁଖ ଉପସ୍ଥିତ ଥିଲେ ।

# ଭୀମ ଆର୍ମି ଖଲିଆପାଲି ଗ୍ରାମ ପଞ୍ଚାୟତ ତରଫରୁ ଖାଦ୍ୟ ସାମଗ୍ରୀ ବଂଟନ

ବଲାଙ୍ଗିର, (ନିପ୍ର) : ଭୀମ ଆର୍ମି ଖଲିଆପାଲି ଗ୍ରାମ ପଞ୍ଚାୟତ ତରଫରୁ ପୁଇଁନ୍ତଲା ବ୍ଲକ୍ ଅଧୀନସ୍ଥ ବହଲପଦର ଗ୍ରା.ପ.ର ଅଏଁଲାସାରି ଗ୍ରାମରେ କ୍ଷତିଗ୍ରସ୍ତ ଦଳିତ ଭାଇମାନଙ୍କୁ ଚୂଡ଼ା, ଚାଉଳ, ଚିନି ଆଦି ବଂଟନ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୨୬ ତାରିଖ ଦିନ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳିତ ପରିସ୍ଥିତିରେ ଦଳିତ ବସ୍ତିର ଅନେକ ଘର ଭାଂଗିଯାଇଥିବା ବେଳେ ଆଜି ଭୀମ ଆର୍ମି ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି । ସେମାନଙ୍କ ପକ୍ଷରୁ କୁହାଯାଇଛି ଯେ, ପ୍ରଶାସନିକ ପ୍ରତିଶ୍ରୁତି ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରିଲିଫ୍ ବଂଟନ ହୋଇ ପାରିନାହିଁ କି ଦଳିତଙ୍କ ନ୍ୟାୟ ମିଳି ପାରିଲା ନାହିଁ । ଏବେ ମଧ୍ୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି ପୀଡ଼ିତ ପରିବାର । ନ୍ୟାୟ ଅପେକ୍ଷାରେ ଦିନ ଗଡ଼ି ଗଡ଼ି ଚାଲିଛି । ଏପଟେ ପୋଲିସ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ନୀରବ ମୁଦ୍ରାରେ ରହିଛି । ଯେତେଦିନ ପର୍ଯ୍ୟନ୍ତ ପୀଡ଼ିତଙ୍କୁ ସାମାଜିକ ଓ ଆର୍ଥିକ ନ୍ୟାୟ ମିଳିବାରେ ଅବହେଳା କରାଯିବ, ସେତେଦିନ ପର୍ଯ୍ୟନ୍ତ ଓଡ଼ିଶା ଭୀମ ଆର୍ମି ଓ ବହୁଜନ ସମାଜ ପାର୍ଟି ତଥା ଅନ୍ୟାନ୍ୟ ସଂଗଠନଗୁଡ଼ିକ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି କୁହାଯାଇଥିବା ବେଳେ ଦରକାର ପଡ଼ିଲେ କୋଭିଡ-୧୯ ନିୟମ ପାଳନ ସହ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବୁ ନାହିଁ ବୋଲି ଦଳିତ ସମାଜ ପକ୍ଷରୁ ଦୃଢ଼ତାର ସହ ଚେତାବନୀ ଦିଆଯାଇଛି ।



# ୫୯ତମ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ପାଳିତ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ୫୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । କରୋନା ପରିସ୍ଥିତି ଯୋଗୁଁ ନିରାଡମ୍ବର ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କେବଳ ସଂଘର ସୀମିତ ସଭ୍ୟମାନଙ୍କ ସମାଗମରେ ନିରାଡମ୍ବର ଭାବେ ସାମ୍ବାଦିକ ସଂଘର ପତାକା ଉତ୍ତୋଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଭ୍ୟ ସତ୍ୟନାରାୟଣ ବେହେରା, ସୁଧୀର କୁମାର ପଣ୍ଡା, ସୋମନାଥ ଆଚାର୍ଯ୍ୟ, ଗୋପବନ୍ଧୁ ଶତପଥୀ, ନବୀନ କୁମାର ପଶାୟତ, ସଭାପତି ହରିନାରାୟଣ ପୂଜାରୀ, ସାଧାରଣ ସଂପାଦକ ବଳରାମ ମିଶ୍ର, ଉପ ସଭାପତି ଆନଂଦ ଚଂଦ୍ର ସାହୁ, ସାଂଗଠାନିକ ସଂପାଦକ ଶରତ ଚନ୍ଦ୍ର ମିଶ୍ର, ସଂପାଦକ ରଂଜିତ ବେହେରା, ଶରତ ମହାକୁର, ସୁଧୀର ମିଶ୍ର, ସନ୍ଦୀପ କୁଅଁର, ଦେବାଶିଷ ମିଶ୍ର, ସଚିଦାନନ୍ଦ ବଗର୍ତ୍ତି, ଅନ୍ତର୍ଯାମୀ ସାହୁ,ମୁନା ଗୌଡ, ଶମ୍ଭୁ ସାହୁ, କର୍ଣ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । କୋଭିଡ ପରିସ୍ଥିତି ଦେଖି ପରବର୍ତ୍ତୀ ସମୟରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆଡ଼ମ୍ବର ସହକାରେ ପାଳିତ ହେବ ବୋଲି ସଭାପତି ଶ୍ରୀ ପୂଜାରୀ କହିଛନ୍ତି ।

# ଆନ୍ତର୍ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସବ୍ୟସାଚୀଙ୍କ ସଫଳତା



ବଲାଙ୍ଗିର, (ନିପ୍ର) : ଶିକ୍ଷାକ୍ଷେତ୍ରରେ ଗବେଷଣା ଓ ନବପ୍ରବର୍ତ୍ତନ ପାଇଁ କାମ କରୁଥିବା ଆନ୍ତର୍ଜାତିକ ସଂସ୍ଥା "ରାଇଡୁ" ତରଫରୁ ଆୟୋଜିତ ଶିଶୁ କିଶୋର ବୟସର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଅନଲାଇନ ଚିତ୍ରାଙ୍କନ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ୫ଜଣଙ୍କ ମଧ୍ୟରେ ବଲାଙ୍ଗିରର ସବ୍ୟସାଚୀ ନାୟକ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରତିଯୋଗିତାର ବିଷୟବସ୍ତୁ "ସଂସ୍କୃତି ଓ ଐତିହ୍ୟ" ଅନୁଯାୟୀ ସେ ସମ୍ବଲପୁରୀ ବସ୍ତ୍ର, ନୃତ୍ୟ ଓ ମା' ସମଲେଇଙ୍କ ଚିତ୍ର ଆଙ୍କିଥିଲେ । ଭାରତ ସମେତ ୮ଟି ଦେଶର ୫୩ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ଜଣଙ୍କ ମଧ୍ୟରେ ଯୋଗ୍ୟ ବିବେଚିତ ହେବା ବିଷୟ ସୂଚନା ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସବ୍ୟସାଚୀ ବଲାଙ୍ଗିରର ଆଇନଜୀବୀ ଓଁକାର ନାୟକ ଓ ଖଡିଆଲର ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ କ୍ଷଣପ୍ରଭା ପାଣିଗ୍ରାହୀଙ୍କର ସୁପୁତ୍ର ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଯୋଗ ବଶିଷ୍ଠ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ନାୟକଙ୍କ ନାତି ଅଟନ୍ତି । ସେ ପିଲାଟି ଦିନରୁ କଳାପ୍ରତି ରୁଚି ରଖିଛନ୍ତି । ଖଡିଆଲ କେନ୍ଦ୍ରୀୟ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ସବ୍ୟସାଚୀ ବିଦ୍ୟାଳୟର ଅନ୍ୟ ସହ ଶୈକ୍ଷିକ କାର୍ଯ୍ୟକ୍ରମ ସ୍କାଉଟ, ବକ୍ତୃତା, ପ୍ରବନ୍ଧ ଓ ନୃତ୍ୟ ଆଦିରେ ଯୋଗଦାନ କରି ଜିଲ୍ଲା ଓ ରାଜ୍ୟସ୍ତରରେ ପୁରସ୍କୃତ ଓ ପ୍ରଶଂସିତ ମଧ୍ୟ ହୋଇଛନ୍ତି । ତାଙ୍କର ଏହି କୃତୀତ୍ୱ ପାଇଁ ସବ୍ୟସାଚୀ ତାଙ୍କର ପରିବାରବର୍ଗ, ଗୁରୁଜୀ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି ।






# ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ହୋତାଙ୍କ ଦେହାନ୍ତ



ବଲାଙ୍ଗିର, (ନିପ୍ର) : ଗତ ୨୫ ତାରିଖ ରାତିରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ହୋତା(୭୨)ଙ୍କ ସ୍ଥାନୀୟ ମହାଲକ୍ଷ୍ମୀନଗର ସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି । ନିକଟରେ ଭୁବନେଶ୍ୱର ଆପୋଲୋ ହସ୍‌ପିଟାଲ୍‌ରେ ତାଙ୍କ ହାର୍ଟ ଅପରେସନ୍ ହୋଇଥିବା ବେଳେ ତତ୍‌ଜନିତ ସମସ୍ୟାରେ ତାଙ୍କ ପ୍ରାଣହାନୀ ଘଟିଥିବା ସୂଚନା ମିଳିଛି । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ସ୍ୱାମୀ ନରସିଂହ ବାବୁ, ଭାଇ ଡା. ରାମଚନ୍ଦ୍ର ହୋତା, ଲକ୍ଷ୍ମଣ ଚନ୍ଦ୍ର ହୋତା ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ । ବଲାଙ୍ଗିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସେ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିବା ବେଳେ ଜଣେ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ୨୬ ତାରିଖ ସକାଳୁ ବିଭୂତିପଡ଼ା ସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କ ବିୟୋଗରେ ସାରା ସହରରେ ଶୋକର ଛାୟା ଖେଳିଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu